

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୧୯ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 NOVEMBER 2023
Vol.No. 34 ■ No. 303■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ଶନିବାର ରାଜଭବନରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଅବସରରେ ଡ. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀ ସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ଶ୍ରୀ ଦାସ ମଧ ରୋଗୀ ସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଓଡ଼ିଶାର ରାଜ୍ୟପାଳ ତଥା ଦେଶର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ ଶ୍ରୀ ରଘୁବର ଦାସଙ୍କ ସହିତ ସାକ୍ଷାତକୁ ନେଇ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଆନନ୍ଦ ପ୍ରକାଶ କରିବା ସହିତ ଏହା ଏକ ପ୍ରେରଣାଦାୟୀ ବୈଠକ ଥିଲା ବୋଲି ପ୍ରକାଶ କରିଛନ୍ତି।

# ଆଜି ବିଶ୍ୱକପ୍ ଫାଇନାଲ

**➡ମ୍ୟାଚ୍ ପୂର୍ବରୁ ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ**
**➡ମ୍ୟାଚ୍ ଦେଖିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**




ଅହମ୍ମଦାବାଦ ୧୮।୧୧ : ସୁପର ସଣ୍ଡେରେ ସୁପର ଫାଇଟ । ୨୦୨୩ ଦିନିକିଆ ବିଶ୍ୱକପ୍ର ଫାଇନାଲ ମ୍ୟାଚ୍ । ଆଉ ମୁହାଁମୁହିଁ ହେବେ ଦୁଇ ଶ୍ରେଷ୍ଠ ଦଳ । ଅପରାହ୍ନ ୨ଟାରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ହେବ ଲଢେଇ । ତେବେ ଫାଇନାଲ ପୂର୍ବରୁ ସାମ୍ନାକୁ ଆସିଛି ରବିବାର ହେବାକୁ ଥିବା କାର୍ଯ୍ୟକ୍ରମର ତାଲିକା । ଆସନ୍ତୁ ଜାଣିବା କେତେବେଳେ ଏବଂ କେଉଁ ସମୟରେ ହେବ ସମସ୍ତ କାର୍ଯ୍ୟକ୍ରମ। ରବିବାର ଅପରାହ୍ନ ୨ଟାରେ ଖେଳାଯିବ ଫାଇନାଲ ମୁକାବିଲା। ଏହାପୂର୍ବରୁ ୧ଟା ୩୦ ମିନିଟ୍ରେ ପଡିବ ଟସ୍ । ଆଉ ଏହି ଟସ୍ ପରେ ଆରମ୍ଭ ହେବ ଭାରତୀୟ ସେନାର 'ସୂର୍ଯ୍ୟକିରଣ ଶୋ' । ଏହା ୧ଟା ୩୫ ମିନିଟ୍ରୁ ଆରମ୍ଭ ହୋଇଛି ୧ଟା ୫୦ମିନିଟ୍ ପର୍ଯ୍ୟନ୍ତ ଚାଲିବ । ମହମ୍ମଦାବାଦ ଆକାଶରେ ସାରା ବିଶ୍ୱ ଦେଖିବ ସୂର୍ଯ୍ୟକିରଣ ଏୟାର ଶୋ' । ପରେ ଡ୍ରିଙ୍କସ୍ ବ୍ରେକ୍ରେ ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ । ଆଦିତ୍ୟ ଗାନ୍ଧଭୀ ଗୀତ ପ୍ରଦର୍ଶନ କରିବେ । ପରେ ଇନିଂସ ବ୍ରକରେ ହେବ ଜୋରଦାର କାର୍ଯ୍ୟକ୍ରମ । ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ ଚକ୍ରବର୍ତ୍ତୀ, ଗୀତିକାର ଜୋନିତା ହାନ୍ଧି, ନାକାଶ ଅଜିଜ୍, ଅମିତ ମିଶ୍ରା, ଆକାଶ ସିଂହ ଏବଂ ତୁଷାର ଜୋଶୀ ଭାଗ ନେବେ। ଆଉ ଝୁମିବେ ପୁରା ଏକ ଲକ୍ଷ ୩୦ ହଜାର ଲୋକେ । ଶେଷରେ ୨ଇନିଂସର ଡ୍ରିଙ୍କସ୍ ବ୍ରେକ୍ ବେଳେ ଲେଜର ଲାଇଟ୍ ଶୋ ମଧ ହେବ । ସୂଚନାଯୋଗ୍ୟ ଯେ, ନଭେମ୍ବର ୧୯ ତାରିଖରେ ଗୁଜୁରାଟ ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦି କ୍ରିକେଟ୍ ଷ୍ଟାଡିୟମ୍ରେ ଖେଳାଯିବ ଫାଇନାଲ୍ ମ୍ୟାଚ୍ । ୨୦୨୩ ଦିନିକିଆ ବିଶ୍ୱକପ୍ର ଫାଇନାଲ ମ୍ୟାଚ୍ରେ ମୁହାଁମୁହିଁ ହେବେ ଦୁଇ ଶକ୍ତଶାଳୀ ଦଳ ଭାରତ-ଅଷ୍ଟ୍ରେଲିଆ । ରବିବାର ଦିନ ଅପରାହ୍ନ ୨ଟାରେ ଖେଳାଯିବ ଏହି ମ୍ୟାଚ୍ । ଭାରତୀୟ ଟିମ୍ ନ୍ୟୁଜିଲାଣ୍ଡକୁ ସେମିରେ ପରାସ୍ତ କରି ଫାଇନାଲରେ ଏଣ୍ଟ୍ରି କରିଥିବା ବେଳେ ଅଷ୍ଟ୍ରେଲିଆ ଟିମ୍ ଦକ୍ଷିଣ ଆଫ୍ରିକାକୁ ୨ୟ ସେମିରେ ପରାସ୍ତ କରିଛି । ଆଉ ୨ୟ ଟିମ୍ ଭାବେ ଚଳିତ ବିଶ୍ୱକପ୍ ଫାଇନାଲରେ କରିଛି ଏଣ୍ଟ୍ରି ।

## ଅବସର ନେବାକୁ ସୁନୀଲ ବଂଶଲଙ୍କୁ ଅନୁମତି: ନୂଆ ବର୍ଷରେ ନୂଆ ଡିଜିପି

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ନୂଆବର୍ଷରେ ଓଡ଼ିଶା ଦେଖିବ ନୂଆ ପୁଲିସ ଡିଜି ବା ଡିଜିପି। କାରଣ ପୁଲିସ ଡିଜି ସୁନୀଲ ବଂଶଲଙ୍କୁ ଅବସର ନେବାକୁ ଅନୁମତି ମିଳିଛି। ଆସନ୍ତା ଡିସେମ୍ବର ୩୧ ତାରିଖରେ ସରକାରୀ ଚାକିରିରୁ ଅବସର ନେବାକୁ ତାଙ୍କୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ସହିତ ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ କିଏ ହେବେ, ସେନେଇ ଚର୍ଚ୍ଚା ଆହୁରି ଜୋର ଧରିଛି। ପରବର୍ତ୍ତୀ ପୁଲିସ ଡିଜି ପଦବୀ ନିମନ୍ତେ ରାଜ୍ୟ ସରକାର ମୋଟ ୭ଜଣ ଆଇପିଏସ ଅଫିସରଙ୍କ ତାଲିକା ୟୁପିଏସସିଙ୍କୁ




ସୁପାରିସ୍ କରିଛନ୍ତି । ୧୯୮୮ରୁ ୧୯୯୦ ବ୍ୟାଚ୍ ମଧ୍ୟରେ ଥିବା ମୋଟ ୮ଜଣ ଆଇପିଏସ ଅଫିସରଙ୍କ ମଧ୍ୟରୁ ୧୯୮୯ ବ୍ୟାଚର ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ୭ଜଣଙ୍କ ନାମ ୟୁପିଏସସିକୁ ପଠାଯାଇଛି । ଓଏଚଆରସି ଡିଜି ଶ୍ରୀ ଆଚାର୍ଯ୍ୟ ଆସନ୍ତା ମେ' ମାସରେ ଅବସର ନେବେ । ୟୁପିଏସସିଙ୍କ ନିୟମ ଅନୁସାରେ ପୁଲିସ ଡିଜିଙ୍କ କାର୍ଯ୍ୟକାଳ ଅବଧି ସରିବାବେଳେ କୌଣସି ଆଇପିଏସଙ୍କ ଚାକିରି ଯଦି ୬ମାସରୁ କମ୍ ଥିବ ତେବେ ତାଙ୍କ ନାଁ ରାଜ୍ୟ ସରକାର ପରବର୍ତ୍ତୀ ପୁଲିସ ଡିଜି ନିମନ୍ତେ ସୁପାରିଶ କରିପାରିବେ ନାହିଁ । ଅନ୍ୟ ୭ଜଣ ଆଇପିଏସ୍ ହେଲେ ୧୯୮୮ ବ୍ୟାଚର ଅରୁଣ କୁମାର ରାୟ, ୧୯୮୯ ବ୍ୟାଚର ଏ.ଏମ୍.ପ୍ରସାଦ, ବି ରାଧିକା,ଏସଏମ୍ ନରୱଣେ ଏବଂ ୧୯୯୦ ବ୍ୟାଚର ୱାଇବି ଖୁରାନିଆ, ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ ଷଡ଼ଙ୍ଗୀ ରହିଛନ୍ତି।

▶▶ପୃଷ୍ଠା ୭

## ଜନ୍ମମାଟିକୁ ଆସୁଛନ୍ତି ମହାମହିମ: ସଜେଇ ହେଉଛି ରାସ୍ତାଘାଟ, ଷ୍ଟେସନ ଏବଂ ରାଷ୍ଟ୍ରପତିଙ୍କ ଗାଁ

ବାରିପଦା ୧୮/୧୧: ଆଉ ଗୋଟିଏ ଦିନର ଅପେକ୍ଷା । ଦୁଇ ଦିନିଆ ଗସ୍ତରେ ଜନ୍ମ ମାଟିକୁ ଆସିବେ ମହାମହୀମ । ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ଜିଲ୍ଲା । ରାଷ୍ଟ୍ରପତି ହେବା ପରେ ମହାମହିମଙ୍କ ଏହା ଦ୍ୱିତୀୟ ଥର ମୟୁରଭଞ୍ଜ ଗସ୍ତ । ନଭେମ୍ବର ୨୦ରେ ପ୍ରଥମେ ବାରିପଦାରେ ଏକ କାର୍ଯ୍ୟକ୍ରମ ସାରି ୨୧ ତାରିଖରେ ରାଇରଙ୍ଗପୁର ଓ ବାଦାମପାହାଡରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ମହାମହିମ । ଯାହାକୁ ନେଇ ଏବେ ପୁରା ଜିଲ୍ଲାରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ବାରିପଦା ପୋଲିସ ପଡିଆରେ ୩ଟି ନୂତନ ହେଲିପ୍ୟାଡ ନିର୍ମାଣ ହୋଇଥିବା ବଳେ ସହୀଦସ୍ମୃତି ଭବନରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହେବାକୁ ବସିଲାଣି । ବାରିପଦା ସହିଦସ୍ମୃତି ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା "ଅଲ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଏସୋସିଏସନ" ର ୩୬ ତମ ବାର୍ଷିକ ସମ୍ମିଳନୀରେ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ

▶▶ପୃଷ୍ଠା ୭



## ଓଡ଼ିଆ ଓ ସଂସ୍କୃତ ଭାଷା ଆଧାରରେ 'ଲକ୍ଷ୍ମୀ ପୁରାଣ' ପରି ପୃଥିବୀର ଜ୍ଞାନକୁ ଲୋକଭାଷାରେ ପରିଣତ କରିବା: କେନ୍ଦ୍ରମନ୍ତ୍ରୀ

ପୁରୀ, ୧୮/୧୧ (ନି.ପ୍ର): ସାମାଜିକ ସମରସତା, ସ୍ୱଚ୍ଛତା, ମହିଳା ସଶକ୍ତୀକରଣ ଏବଂ ଅଧିକାରବାଦ ଲକ୍ଷ୍ମୀ ପୁରାଣର ମୂଳ ଚରିତ୍ର। ସାମ୍ପ୍ରତିକ ସମୟରେ ଏହାକୁ ମନେପକାଇ ଓଡ଼ିଆ ଭାଷା ଓ ସଂସ୍କୃତ ଭାଷା ଆଧାରରେ ପୃଥିବୀର ଜ୍ଞାନକୁ ପ୍ରାସଙ୍ଗିକ କରି ଏହି ପ୍ରକାର ସାହିତ୍ୟକୁ ଲୋକଭାଷାରେ ପରିଣତ କରିବା । ତେବେ ଯାଇ ଏହା ଆମ ସମାଜର ସଂସ୍କୃତ ଭାଷାକୁ ଆଗକୁ ନେଇଥିବା ମହାପୁରୁଷଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ। କେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ସ୍ଥିତ ଶ୍ରୀ ସଦାଶିବ କ୍ୟାମ୍ପସରେ ତିନିଦିନିଆ 'ଆନ୍ତର୍ଜାତିକ ଲକ୍ଷ୍ମୀ ପୁରାଣ' ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସଦାଶିବ କ୍ୟାମ୍ପସର ପ୍ରତିଷ୍ଠାତା ମହାମହୋପାଧ୍ୟାୟ ଆଚାର୍ଯ୍ୟ ହରିହର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କେନ୍ଦ୍ରମନ୍ତ୍ରୀ ଲକ୍ଷ୍ମୀ ପୁରାଣର ବୈଜ୍ଞାନିକ ମହତ୍ତ୍ୱ ଉପରେ କହିଛନ୍ତି ଯେ ଲକ୍ଷ୍ମୀ ପୁରାଣ ଜୀବନରେ ମୋତେ ବହୁତ ପ୍ରଭାବିତ କରିଛି। ଲକ୍ଷ୍ମୀ ପୁରାଣ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର



▶▶ପୃଷ୍ଠା ୭

## ବଢୁଛି ଇଣ୍ଡିଆ ମେଂଟରେ ଫାଟ: ମିଡିଆ ବୟକଟ ନିଷ୍ପତ୍ତି ମାନିବାକୁ ସମାଜବାଦି ପାଟି ନାରାଜ

ନୂଆଦିଲ୍ଲୀ, ୧୭/୧୧ : ୨୦୨୪ ସାଧାରଣ ନିର୍ବାଚନ ଯାଏ ତିଷ୍ଠିରହିବ ତ ଇଣ୍ଡିଆ ମେଂଟ ୫ରାଜ୍ୟର ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ମେଂଟରେ ଏବେଠୁ ଫାଟ ଜଳ ଜଳ ହୋଇ ଦେଖିବାକୁ ମିଳିଲାଣି । ୧୪ଜଣ ନ୍ୟୁଜ ଆଙ୍କରଙ୍କୁ ବୟକଟ ନେଇ ଇଣ୍ଡିଆ ମେଂଟର ନିଷ୍ପତିକୁ ମାନିବ ନାହିଁ ବୋଲି ଘୋଷଣା କରିଛି ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି । ଏହି ୧୪ଜଣ ନ୍ୟୁଜ ଆଙ୍କରଙ୍କ ସହ କାମ କରିବା ସହିତ ସମସ୍ତ ନ୍ୟୁଜ ଚ୍ୟାନେଲକୁ ନିଜର ମୁଖପାତ୍ର ପଠାଇବାକୁ ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି । ସେପ୍ଟେମ୍ବର ୧୪ରେ ଇଣ୍ଡିଆ ମେଂଟ ନିଜ ସମନ୍ୱୟ ବୈଠକରେ ୧୪ଜଣ ଆଙ୍କରଙ୍କୁ ବୟକଟ ନେଇ ଘୋଷଣା କରିଥିଲା, ଏବେ ସପା ଏହି ନିଷ୍ପତିରୁ ନିଜକୁ ଓହରିଯାଇଛି।

▶▶ପୃଷ୍ଠା ୭

## ୩ ମାସ ହେଲା ଜେଲ୍ରେ ପଦ୍ମକେଶରୀପୁରର ୧୫୦ ଲୋକ: ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅପରାଜିତାଙ୍କ ଚିଠି




ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଭୁବନେଶ୍ୱର ପଟିଆ ସ୍ଥିତ ପଦ୍ମକେଶରୀପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପଦ୍ମକେଶରୀ ପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଳମ୍ବ ନକରି ହସ୍ତକ୍ଷେପ କରନ୍ତୁ। ଗଣ୍ଡଗୋଳର କାରଣ ଖୋଜି ତୁରନ୍ତ ଶାନ୍ତି କମିଟି ଗଠନ କରିବାକୁ ଚିଠି ଜରିଆରେ ନିବେଦନ କରିଛନ୍ତି ଭୁବନେଶ୍ୱର ସାଂସଦ। ଗତକାଲି ସନ୍ଧ୍ୟାରେ ଗାଁକୁ ଯାଇ ସ୍ଥିତି ପରଖିଥିବା ସେ ଚିଠିରେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଗାଁର ୧୫୦ ଲୋକଙ୍କୁ ଗିରଫ କରି ୩ ମାସ ହେଲା ଜେଲ୍ ପଠାଯାଇଛି। ଏବେବି ପଦ୍ମକେଶରୀପୁର ଗାଁରେ ଅଳ୍ପ କିଛି ମହିଳା ଓ ଶିଶୁ ଅଛନ୍ତି, ଭୟର ବାତାବରଣ ଲାଗି ରହିଛି। ହେଲେ ଏପର୍ଯ୍ୟନ୍ତ ଶାନ୍ତି ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସେପରି ଉଦ୍ୟମ ହୋଇନି। ତେଣୁ ବିଳମ୍ବ ନ କରି ହସ୍ତକ୍ଷେପ କରିବାକୁ ଅପରାଜିତା ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧ ତାରିଖରେ ବିଳମ୍ବିତ ରାତିରେ ପଦ୍ମକେଶରୀପୁରରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୧୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଉତ୍ତେଜନା ବଢ଼ିବା ପରେ ସେହି ଅଂଚଳରେ ୧୪୪ ଧାରା ଜାରି କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ଜାତୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ମିଳନୀ




ବାଲେଶ୍ୱର, ୧୮/୧୧ (ନି.ପ୍ର): ବାଲେଶ୍ୱର ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟ, ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ଏବଂ ଯୋଗିକ ସାଇନ୍ସ ଆନୁକୂଲ୍ୟରେ ଚାନ୍ଦିପୁର ସ୍ଥିତ ପୂର୍ବି ବିଚ୍ ରିସୋର୍ଟ, ତିନିଦିନିଆ ୧୮,୧୯, ୨୦ ତାରିଖ ଧରି ହେବାକୁ ଥିବା ଜାତୀୟ ସମ୍ମିଳନୀ ଆଜି ପୂର୍ବାହ୍ନରେ ଉଦ୍ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ନିର୍ଦ୍ଦେଶକ ଡ. କେ ଯୋଶୀ ଉଦ୍ଘାଟନ କରି କହିଲେ ଯେ ପ୍ରାକୃତିକ ଉପଚାର ଆମ ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳି ପାରିବ । ସମ୍ମାନୀତ ଅତିଥି ଭାବରେ ସବ୍ ଡିଭିଜନାଲ ପୋଲିସ ଅଧିକ୍ଷକ ଶଶାଙ୍କ ଶେଖର ବେଉରା, ଅନ୍ୟତମ ଅତିଥି ବାଲେଶ୍ୱର ଗୋଇନ୍ଦା ବିଭାଗର ମୁଖ୍ୟ ଶ୍ରୀମତୀ ବ୍ରଜେଶ୍ୱରୀ ବଳ, ମୁଖ୍ୟ ବକ୍ତା 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଏଥିରେ ଯୋଗ ଦେଇ କହିଥିଲେ ଯେ ହେଲଦୀ ଲାଇଫ୍ ସମଗ୍ର ଓଡ଼ିଶାରେ ଏକ ପ୍ରମୁଖ ଯୋଗକେନ୍ଦ୍ର ହିସାବରେ ନିଜକୁ ପ୍ରତିଷ୍ଠିତ କରି ବହୁ ଲୋକଙ୍କୁ ଦୁରାରୋଗ୍ୟ ରୋଗରୁ ମୁକ୍ତି ଦେଇଛି। ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ସାହୁ ଓ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଏହାକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପତି ଅନୁଷ୍ଠାନର ପରୀକ୍ଷକ ସୁଦିତ କୁମାର ଜେନା, ଆଶ୍ଚର୍ଯ୍ୟ ବିଜୟନୀ ଓ ବାହାର ରାଜ୍ୟରୁ ଆସିଥିବା ବିଦ୍ୱାନ ମାନେ ସେମାନଙ୍କର ସନ୍ଦର୍ଭ ପଢ଼ିଥିଲେ । ସେମାନଙ୍କ ମଧ୍ୟରେ ଓମ୍ ଯୋଗ ପୀଠ ସୁରଟ ଗୁଜୁରାଟର ମନୁଭାଇ ଢୋଲା ଓ ତାଙ୍କ ସହଧର୍ମୀଣି, ଠାକୁର ନେଚର ପାଥି ବିଭାଗର ମୁଖ୍ୟ ସଞ୍ଜୟ ଠାକୁର, ଦିଲ୍ଲୀସ୍ଥିତ ସ୍ପିରିଚୁଆଲ ଏକ୍ୟୁ ମେଡିଟେସନ ସେଣ୍ଟର ମୁଖ୍ୟ ଡାକ୍ତର ସୌରଭ ରଞ୍ଜନ ଧ୍ୟାନ ରକ୍ତ ଉପରେ ସମସ୍ତଙ୍କୁ ଧ୍ୟାନରେ ନିମଗ୍ନ କରାଇଥିଲେ । ଶେଷରେ ଅନୁଷ୍ଠାନର ଅଧ୍ୟାପକ ଶ୍ରୀ ଅଭିଶେକ ଦାସ ଏକ ସାରଗର୍ଭକ ବକ୍ତବ୍ୟ ରଖି ଯୋଗର ସଠିକ୍ ଯୋଗ ବିଷୟରେ ଆଲୋକପାତ କରିଥିଲେ ।

# ଫକୀରମୋହନଙ୍କ ସଂପର୍କିତ ପ୍ରବନ୍ଧ ସଂକଳନ 'ସ୍ମୃତି ଗୌରବ' ଉନ୍ମୋଚିତ



ବାଲେଶ୍ୱର, ୧୮/୧୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ତିହିଡ଼ି ସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ପକ୍ଷରୁ ପ୍ରକାଶିତ ତଥା ବିଭୂତି ଭୂଷଣ ସେନାପତିଙ୍କଦ୍ୱାରା ସଂକଳିତ ଫକୀରମୋହନ ସଂପର୍କିତ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ 'ସ୍ମୃତି ଗୌରବ' ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି । 'ପରିଚୟ'ର ସଂପାଦିକା ସୁଶ୍ରୀ ଅରୁଣା ରାୟ ପୁସ୍ତକଟିକୁ ଉନ୍ମୋଚନ କରିଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକଟିର ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଗବେଷକ ନିତ୍ୟାନନ୍ଦ ମଲ୍ଲିକ ଓ ସଂଯୁକ୍ତା ଭାରତୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଗୋପାଳ ପ୍ରସାଦ ମହାପାତ୍ର ଗୀତାଶ୍ଳୋକ ଆବୃତ୍ତି କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦଙ୍କ ରଚନା ଓ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ମମତା ଦାସ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଶାନ୍ତି ବିଶି, ବିନୀତା ସାହୁ ଓ ପୁଷ୍ପଲତା ଚକ୍ରବର୍ତ୍ତୀ 'ଯୁଗପୁରୁଷ ହେ ଫକୀରମୋହନ' ଗୀତଟିକୁ ସମବେତ ଭାବରେ ଗାନ କରିଥିଲେ। ଗୁରୁ ଲକ୍ଷ୍ମୀଧର ତବଲାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଡ. ଶିରୀଶ ଚନ୍ଦ୍ର ଜେନା, ନିରଂଜନ ରାଉତ, କରୁଣାକର ସ, ସଂଜୟ କୁମାର ପଣ୍ଡା, ଅଞ୍ଜଳି ପଣ୍ଡା, ଜ୍ୟୋତ୍ସ୍ନା ରାୟ, ମାମିନା ମହାପାତ୍ର, ସୁନାମଣି ଜେନା, ଉର୍ମିଳା ନାୟକ, ସୌମ୍ୟା ଦାଶ, ପ୍ରଣିତା ମିଶ୍ର, ଶାନ୍ତିଲତା ପଣ୍ଡା, ଦେବାଶିଷ ଚକ୍ରବର୍ତ୍ତୀ, ଦିଲ୍ଲୀପ ଭୋଇ, ନିତ୍ୟାନନ୍ଦ ରାଉତ, ଶିବଶଙ୍କର ନନ୍ଦୀ, ରଜନୀକାନ୍ତ ବେହେରା, ବେଣୁଧର ସାହୁ, ଅନାଦି ଜେନା, ମନ୍ମଥ ସାହୁ, ସନାତନ ଦାସ, ପବିତ୍ର ମୋହନ ଦାସ, ରଣଜିତ ବେହେରା, ଝରଣା ମଲ୍ଲିକ, ସଙ୍ଗୀତା ବାରିକ, ନୃସିଂହ ଚରଣ ନାୟକ, ଶରତ କୁମାର ମହାପାତ୍ର, ବିଦ୍ୟାଧର ସାହୁ, ଦେବାଶିଷ ସିଂହ, କୁମାର ଗୋପାଳ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ

ବାରିପଦା , ୧୮/୧୧ (ନି.ପ୍ର): ନଭେମ୍ବର ମାସକୁ ଅନ୍ତର୍ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଭାବେ ପାଳନ କରାଯାଉଥିବା ଅବସରରେ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ସମ୍ପର୍କିତ ଏକ କର୍ମଶାଳା ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଓ ଉପ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍ଘାଟନ କରିବା ସହ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ନେଇ ଆଲୋଚନା କରିଥିଲେ।



ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଡିଏସପି ସବିତା ମାଝୀ, ଶିଶୁ ମଙ୍ଗଳ ସମିତିର ଆଧକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଶିଶୁ ସୁରକ୍ଷା ଓ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ସଭା ପରିଚାଳନା କରିବାସହିତ ପୋଷ୍ୟ ସନ୍ତାନ ଗ୍ରହଣର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅମର କୁମାର ଦେ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ -୨୦୨୨ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା ବେଳେ, ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦୁଇ ଜଣ ପିତାମାତା ଓ ଜଣେ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ , ଏମଆଇସିଓ, ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ ଏବଂ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ବସ୍ ଯୋଜନା ବିରୁଦ୍ଧରେ ଆନ୍ଦୋଳନରେ ସାମିଲ ହେବ ପାରାଦୀପ ବସ୍ ମାଲିକ ସଂଘ

ପାରାଦୀପ, ୧୮/୧୧ (ନି.ପ୍ର): ଶନିବାର ଦିନ ପାରାଦୀପ ଘରୋଇ ବସ୍ ମାଲିକ ସଂଘର ସଭାପତି ରଶ୍ମୀରଂଜନ ପରିଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଏହି ବୈଠକରେ ନଭେମ୍ବର ୨୨ ତାରିଖରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍ ଯୋଜନା ବିରୁଦ୍ଧରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଡାକରାରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଓ ଶୋଭାଯାତ୍ରାରେ ପାରାଦୀପ ଘରୋଇ ବସ୍ ମାଲିକ ସଂଘ ସାମିଲ ହୋବ । ସରକାର ପଂଚାୟତସ୍ତରରୁ ବ୍ଲକ ପର୍ଯ୍ୟନ୍ତ ଲକ୍ଷ୍ମୀ ବସ୍ ଚଳାଚଳ ସମୟ ସାରଣୀକୁ ସ୍ଥାନୀୟ ସଂଘ ସହ ଆଲୋଚନା କରି ସ୍ଥିର କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଯଦି ସରକାରଙ୍କ ତରଫରୁ ଏକ ନିର୍ଦ୍ଧିଷ୍ଟ ସମାଧାନ ନ କରାଯାଏ ତେବେ ପାରାଦୀପ ଘରୋଇ ବସ୍ ମାଲିକ ସଂଘ ରାଜ୍ୟ ସଂଘ ସହ ସାମିଲ ହୋଇ ଆସନ୍ତା ଡିସେମ୍ବର ମାସ ୧ ତାରିଖରୁ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ବସ୍ ଧର୍ମଘଟ କରିବାକୁ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ସଂଘର ଉପସଭାପତି ନିର୍ମଳ କୁମାର ଜେନା, ସମ୍ପାଦକ ପରେଶ କୁମାର ନନ୍ଦି,ଯୁଗ୍ମ ସମ୍ପାଦକ ଅବଦୁଲ ଆବିଦ୍ ଖାନ୍, ସହ ସମ୍ପାଦକ ମଦନ ମୋହନ ସାହୁ, କୋଷାଧ୍ୟକ୍ଷ ସତ୍ୟରଂଜନ ଦାସଙ୍କ ସମେତ ବହୁ ବସ୍ ମାଲିକମାନେ ଯୋଗ ଦେଇଥିଲେ।

## ଖଡିଆଳ ବ୍ଲକ ଯାଦବ ସମାଜ ତରଫରୁ ଯାଦବ ଶୌର୍ଯ୍ୟ ଦିବସ ପାଳିତ

ନୂଆପଡ଼ା, ୧୮/୧୧ (ନି.ପ୍ର): ଖଡିଆଳ ବ୍ଲକ ଯାଦବ ସମାଜ ସଭାପତି କୀର୍ତନ ପୋଡଙ୍କ ସଭାପତିତ୍ୱରେ ଭୋଜପୁର ସ୍ଥିତ ବ୍ଲକ ଯାଦବ ଭବନ ଠାରେ ଯାଦବ ଶୌର୍ଯ୍ୟ ଦିବସ ପାଳନ କରାଯାଇଛି । ୧୯୬୨ ମସିହା ନଭେମ୍ବର ୧୮ତାରିଖ ଦିନ ଭାରତ ଓ ଚୀନ ମଧ୍ୟରେ ହୋଇଥିବା ଯୁଦ୍ଧ ଅବସରରେ ଭାରତରୁ ୧୨୪ ଜଣ ଯବାନ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧୭ ଜଣ କେବଳ ଅହିର ସୈନ୍ୟ ରହିଥିଲେ । ଚୀନର ୧୩୦୦ ସୈନ୍ୟଙ୍କୁ ନିପାତ କରିବା ସହିତ ୩୦୦୦ରୁ ଉର୍ଦ୍ଧ୍ୱ ସୈନିକ ମାନଙ୍କୁ ଆହତ କରିଥିଲେ। ଏହି ଯୁଦ୍ଧରେ ୧୧୭ ମଧ୍ୟରୁ ୧୧୪ ଜଣ ଅହିର ଯବାନ ବିରଗତି ପ୍ରାପ୍ତ କରିଥିଲେ । ତାଙ୍କର ସାହାସ ଓ ସୌର୍ଯ୍ୟକୁ ସ୍ମରଣ କରିବାକୁ ଦେଶର ବିଭିନ୍ନ ପ୍ରାନ୍ତରେ ଯାଦବ ସମାଜ ତରଫରୁ ୧୮ ନଭେମ୍ବରକୁ ଯାଦବ ଶୌର୍ଯ୍ୟ ଦିବସ ଭାବରେ ପାଳନ କରାଯାଉଅଛି । ବହୁତ ଦିନରୁ କେନ୍ଦ୍ର ସରକାରଙ୍କୁ ମଧ ଅହିର ରେଜିମେଂଟ ଗଠନ ପାଇଁ ଯାଦବ ସମାଜ ଦାବି କରି ଆସୁଅଛି । ଆଗାମୀ ଦିନରେ ଅହିର ରେଜିମେଂଟ ଗଠନ ନହେଲେ ସମସ୍ତ ଯାଦବ ସମାଜ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା, ୧୮/୧୧ (ନି.ପ୍ର): ମାନ୍ୟବର ବିଧାୟକ ଖୋର୍ଦ୍ଧା, ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଆଜି ଖୋର୍ଦ୍ଧା ହାବେଲୀ ପଡିଆ ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇଯାଇଛି । ଏଥିରେ ୭୦୦ ରୁ ଉର୍ଦ୍ଧ ଚାଷୀ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରୁ ଯୋଗଦାନ କରିଥିଲେ । ଏହି ମେଳାରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ସମ୍ପୂର୍ଣ୍ଣ ବିକାଶ ଦ୍ୱାରା ଚାଷୀ ଭାଇମାନଙ୍କର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ।

ମାନ୍ୟବର ବିଧାୟକ ଖୋର୍ଦ୍ଧା, ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ତାଙ୍କ ସଂଭାଷଣରେ ମୁଖ୍ୟତଃ ଚାଷୀଭାଇ ଓ ଭଉଣୀ ମାନଙ୍କ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ମେଳାରେ ଉପସ୍ଥିତ ଚାଷୀଗଣ ବୈଜ୍ଞାନିକ ଏବଂ ଅଭିଜ୍ଞ ବିଶେଷଜ୍ଞ ମାନଙ୍କ ସହିତ ଭେଟି ସେମାନଙ୍କଠାରୁ ବିଶେଷ ଜ୍ଞାନକୌଶଳ ସମ୍ପର୍କରେ ଆଦାନପ୍ରଦାନ କରିଥିଲେ । ଜୀବନ୍ତପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଷ୍ଟଲରେ ବିଶେଷ ଆୟୋଜନଦ୍ୱାରା ଚାଷୀଗଣ ବ୍ୟବହାରିକ ଜ୍ଞାନ ଆହରଣ କରିବାର ସୁବିଧା ପ୍ରାପ୍ତ ହେଲେ । ବିଶେଷ କରି ବାୟୋଫ୍ଲକ ଏବଂ ଇ ସି ବ୍ରଏଲର ଫାର୍ମ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ବିଭିନ୍ନ ସଂସ୍ଥା ଯେପରିକି ସିଫା, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ଅନ୍ୟାନ୍ୟ କମ୍ପାନୀ ଗୁଡିକ ମେଳାରେ ଷ୍ଟଲ ଆୟୋଜନ କରିଥିଲେ । ଏହି ଷ୍ଟଲ ଗୁଡିକରେ ଅତ୍ୟାଧୁନିକ ଜ୍ଞାନ ଏବଂ ବ୍ୟବହାରିକ କୌଶଳ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ଅଗ୍ରଣୀ ଚାଷୀ ମାନଙ୍କର ଉତ୍ସାହ ବୃଦ୍ଧି ନିମନ୍ତେ ସେମାନଙ୍କର ପରିଶ୍ରମ ଓ ଆଗ୍ରହକୁ ସମ୍ମାନ ଦେଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାପାଳ, ଖୋର୍ଦ୍ଧା, ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି ମେଳାରେ ଆମୂଳଚୂଳ ଭାବେ ସଂଶ୍ଳିଷ୍ଟ ରହି ବିଭିନ୍ନ ଷ୍ଟଲଗୁଡିକ ବୁଲି ଦେଖିବା ସହିତ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ମେଳାରେ ଅନ୍ୟାନ୍ୟ ଏତିଥିଗଣଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଖୋର୍ଦ୍ଧା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂ, ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଧ୍ୟକ୍ଷ ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଦେବୀଦତ୍ତ ମାଝୀ ଉକ୍ତ ସଭାରେ ସ୍ୱାଗତ ଭାଷଣ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ଯୋଜନା ଗୁଡିକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ମେଳା ଯେ ନିକଟ ଭବିଷ୍ୟତରେ ଖୋର୍ଦ୍ଧା ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଚାଷୀ ମାନଙ୍କର ଆୟ ଦ୍ୱିଗୁଣିତ କରିବ ଏଥିରେ ତିଳେ ମାତ୍ରେ ସନ୍ଦେହ ନାହିଁ । ସର୍ବଶେଷରେ ଉପ ମତ୍ସ୍ୟ ନିର୍ଦ୍ଦେଶକ, ପୁରୀ ମଣ୍ଡଳ ତଥା ଜିଲ୍ଲା ମତ୍ସ୍ୟ ଅଧିକାରୀ, ଶ୍ରୀ ଜଗଦୀଶ ଚନ୍ଦ୍ର ପଣ୍ଡା ମଂଚାସୀନ ଅତିଥି ଏବଂ ଉପସ୍ଥିତ ଚାଷୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଶଳ ମହାବନ୍ଦ ସୁବର୍ଣ୍ଣପୁର ଜିଲ୍ଲାରେ ସଫଳ : କିଛି ସ୍ଥାନରେ ଉତ୍ତେଜନା

ସୁବର୍ଣ୍ଣପୁର, ୧୮/୧୧ (ନି.ପ୍ର): ଦୀର୍ଘ ବର୍ଷରୁ ପଶ୍ଚିମ ଓଡିଶାର ୧୧ ଗୋଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବୀ କରି ଆସୁଥିବା କୋଶଳ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ପୁଣି କୋଶଳ ମହାବନ୍ଦ ପାଳନ କରିଛି। ୧୮ ନଭେମ୍ବର ସକାଳ ୬ ରୁ ସନ୍ଧ୍ୟା ୬ ଯାଏଁ ବନ୍ଦ ଡାକରା ଦିଆଯାଇଥିବା ବେଳେ କୋଶଳ ରାଜ୍ୟ ଦାବିରେ ସୁବର୍ଣ୍ଣପୁର ଜିଲ୍ଲା ଶାନ୍ତି ପୂର୍ଣ୍ଣ ଭାବରେ ଗ୍ରାମଠୁ ସହର ପର୍ଯ୍ୟନ୍ତ ଜନସାଧାରଣ ସ୍ୱତପ୍ରବୃତଃ ଭାବରେ ବନ୍ଦପାଳନକୁ ସମର୍ଥନ କରିଛନ୍ତି। ଏଥିରେ ସ୍କୁଲ, କଲେଜ୍, କୋର୍ଟ, କଚେରୀ, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ବେସରକାରୀ କାର୍ଯ୍ୟକ୍ଷଳୟ ଗୁଡ଼ିକ ବନ୍ଦ ରହିଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି। କୋଶଳ ସେନା ଯାଇ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଛନ୍ତି। କୋଶଳ ସେନା ସହର ବିଭିନ୍ନ ଛକରେ ରାସ୍ତାରୋକ କରିଛନ୍ତି। ଏଥି ସହିତ ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ କୋଶଳ ବନ୍ଦକୁ ସମର୍ଥନ କରିଛନ୍ତି। ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଅନୁଷ୍ଠାନ ବନ୍ଦ ଥିବା ଦେଖାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ୍ ମୂତୟନ ହୋଇଥିବା ବେଳେ ସୋନପୁର ବ୍ଲକ ଛକ, ସମେତ ବିଭିନ୍ନ ଜାଗାରେ କିଛି ଘଟଣା ଓ ଉତେଜନା ପାଇଁ ଜିଲ୍ଲା ପୋଲିସ୍‌କୁ ମଧ ବେଶ ନାକେଦମ୍ ହେବାକୁ ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ଖମ୍ବେଶ୍ୱରୀ ପାଲି ଛକ ଠାରେ ମଧ କୋଶଳ ସେନା ଯୁବକ ମାନେ ବାଇକ ଆରୋହୀଙ୍କୁ ମୁଖ୍ୟ ରାସ୍ତା ବନ୍ଦ କରିଥିବାରୁ ସାଧାରଣ ଜନତା ଓ ମିଡ଼ିଆଙ୍କ ସହିତ ଯୁକ୍ତି ତର୍କ ପରେ ସାମାନ୍ୟ ଉତେଜନା ହେବାରୁ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ ମଧ ସୋନପୁର ଏସଡିପିଓଙ୍କ ସହ ଥାନା ଭାରପ୍ରାପ୍ତ ଅଧିକାରୀ ଉଭୟ ପୋଲିସ ଟିମ ପହଂଚି ବ୍ଲକ ଛକ ଓ ଖମ୍ବେଶ୍ୱରୀ ପାଲି ଛକରୁ ୧୮ ଜଣ ଆନ୍ଦୋଳନକାରୀଙ୍କୁ ଉଠାଇ ଥାନାରେ ଅଟକ ରଖିଥିଲେ ଏବଂ ଉଭୟ ଜାଗାରେ ରାସ୍ତା ଅବରୋଧକୁ ହଟାଇଥିଲେ।

# ମାଲକାନଗିରି ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, ୧୮/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଠାରେ ଇଂରାଜୀ ବିଭାଗ ଯୁକ୍ତ ତିନି ସମ୍ମାନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂରାଜୀ ବିଭାଗର ଛାତ୍ରୀ ବିଶ୍ୱପ୍ରେରଣା ପ୍ରିୟଦର୍ଶିନୀ ଭଜନ ପରିବେଷଣ କରିଥିଲେ। ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଉମେଶ ଚନ୍ଦ୍ର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗର ଯୁକ୍ତ ତିନି ସମ୍ମାନ ବିଭାଗର ଛାତ୍ର ଆକାଶ ମାଡକାମି ତଥା ଅନ୍ୟ ଛାତ୍ରଛାତ୍ରୀ ଗଣ ନୂତନ ଭାବେ ନାମ ଲେଖାଇଥିବା ପ୍ରଥମ ବର୍ଷର ଇଂରାଜୀ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ସୁଶାନ୍ତ କୁମାର ମାଝି ଓ ଦଶରଥ ସାଣ୍ଡି ଛାତ୍ରଛାତ୍ରୀମାନଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ଅନେକ ଉପାଦେୟ ପ୍ରେରଣା ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ବିଗତ ଚଉଦ ବର୍ଷ ହେଲା ପ୍ରତିଷ୍ଠିତ ହୋଇ ଅନେକ ଛାତ୍ର ଛାତ୍ରୀ ସୃଷ୍ଟି କରିପାରିଥିବାରୁ ମୁଖ୍ୟଅତିଥି ଏହାର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଅଧ୍ୟକ୍ଷ ମହାବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେସିପି କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲିଆପାଳ, ୧୮/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷା ଡ଼ ହରପ୍ରିୟା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୁବାସିନୀ ଜେନା ଅନୁଷ୍ଠାନିକ ଭାବେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମଞ୍ଚ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଅନୁଷ୍ଠାନର ଯୁବ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱମୁଖୀ ହେବା ପାଇଁ ଆହ୍ୱାନ କରିବା ସହ ଆୟୋଜିତ



କ୍ରୀଡ଼ା ଉତ୍ସବରେ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ନାରାୟଣ ଦାସ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱମ୍ଭର ଜେନା, ଅଧ୍ୟାପକ ଦୟାନିଧି ସାହୁ, ବିଜୟ କୁମାର ଜେନା, ରାଧାକାନ୍ତ ମହାନ୍ତି, ଶଙ୍କର ମଣ୍ଡଳ ପ୍ରମୁଖ ଉପସ୍ଥିତ ହୋଇ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା, ସଂସ୍କୃତି ଓ ସେବା ମନୋଭାବ ଦ୍ୱାରା ଶିକ୍ଷାର ବିକାଶ ହେବ ବୋଲି ମତ ରଖିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କ୍ରୀଡା ପ୍ରତିଯୋଗିତାକୁ ପତାକା ଉତ୍ତୋଳନ ପୂର୍ବକ ମୁଖ୍ୟ ଅତିଥି ଉଦଘାଟନ କଲା ପରେ ଭଲିବଲ୍ ପ୍ରତିଯୋଗିତା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଶିବିରାର୍ଥୀ, ଅଧ୍ୟାପକ ଓ ସମସ୍ତ କର୍ମଚାରୀଙ୍କ ମିଳିତ ସହାୟତାରେ ସମ୍ପାଦନ କରାଯାଇଥିଲା । ଶେଷରେ ଅଧ୍ୟାପକ ଦୟାନିଧି ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଝୁଲୁସର : କାଲସାଏପାଲିକୁ ହରାଇ ଫାଇନାଲରେ ଜରାସିଂହା

ବଲାଙ୍ଗିର, ୧୮/୧୧ (ନି.ପ୍ର): ସ୍ଥାନୀୟ ଝୁଲୁସର ଖେଳ ପଡିଆରେ ଜବାହାରଲାଲ ଫୁଟବଲ ଏସୋସିଏସନ ଆନୁକୁଲ୍ୟରେ ପ୍ରଥମ ବର୍ଷ ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳରେ ବିଏନ୍‌ଏଏ ଜରାସିଂହା ୧-୦ ଗୋଲରେ ଜେକେଓ୍ୱାଇଏସ୍ କାଲସାଏପାଲିକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସଂପାଦକ ବିଧୁଭୂଷଣ ତ୍ରିପାଠି, ବଲାଙ୍ଗିର ଏକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ପ୍ରମୋଦ ବାରିକ ଓ କ୍ରୀଡା ସଂସଦ ସଦସ୍ୟ କୈଳାସ କର୍ତି ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ଶରତ କୁମାର ନନ୍ଦ, ପୂର୍ବତନ ଖେଳାଳି ଲୋକନାଥ କୁମୁରା, ପୂର୍ବତନ ବିଦ୍ୟୁତ କର୍ମଚାରୀ ଅଦ୍ୟୁତ ନାହାକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନନ୍ଦ ଓ ଅନ୍ୟତମ ଅବସରପ୍ରାପ୍ତ ଶିକ୍ଷକ ହାଡୁରାମ ରଣା ମଂଚାସିନ ଥିଲେ । ରେଫରି ଭାବେ ଖେଳକୁ ପୁରୁଷୋତମ ବୁଡେକ, ସଂଜିବ ମହାରଣା, ଉମେଶ ଭୋଇ ଓ ନିଶାରକାନ୍ତ ନାଗ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଜରାସିଂହା ଦଳର କପିଳେଶ୍ୱର ନାଏକଙ୍କୁ ପୁରସ୍କୃତ କରାଯାଇଥିଲା । ପୂର୍ବତନ ଖେଳାଳି ରାମ କୁମାର କୁମୁରା, ଦିଲିପ କୁମାର ମଲ୍ଲିକ, ଲମ୍ବୋଦର ମାଝି, ଗ୍ଲାଡଷ୍ଟୋନ ତାଣ୍ଡି, ପିତାମ୍ବର ଖମାରୀ, ସୁବାଷ କୁମାର ନନ୍ଦ, ପ୍ରମୋଦ ସାହୁ, ନରେଶ ଅଗ୍ରଓ୍ୱାଲ, କରନ ଦଣ୍ଡସେନା, ଚମରା ମହାକୁର, ବିଜୟ ନାହାକ, ମନୋଜ ବେହେରା, ଅକ୍ଷୟ ଘିଭେଲା ପ୍ରମୁଖ ସହଯୋଗ କରିଥିଲେ ।

# ତେଲିପାଳ ସ୍ପୋର୍ଟିଂ କ୍ଲବର ୨୬ ବର୍ଷ ପୂର୍ତ୍ତି ଅବସରରେ ତିନି ଦିବସୀୟ ପାଦପେଣ୍ଡୁ ପ୍ରତିଯୋଗିତା ଉଦଯାପିତ

ନୀଳଗିରି , ୧୮/୧୧ (ନି.ପ୍ର): ନୀଳଗିରି ବ୍ଲକ ବଣସୀମା ଅଂଚଳ ଅନ୍ତର୍ଗତ ତେଲିପାଳ ପଞ୍ଚାୟତ ଠାରେ ଥିବା ଖେଳପଡିଆରେ ତେଲିପାଳ ସାନ୍ତାଳ ବ୍ରଦର୍ସ ସ୍ପୋର୍ଟିଂକ୍ଲବର ୨୬ ବର୍ଷ ପୂର୍ତ୍ତି ଅବସରରେ ତିନି ଦିବସୀୟ ପାଦପେଣ୍ଡୁ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉଦଯାପନି ଦିବସ ଖେଳରେ ଅଂଶଗ୍ରହଣ କରିଥିବା ୮ଗୋଟି ଦଳର ସମସ୍ତ ଖେଳାଳୀ ଙ୍କୁ କ୍ଲବ ପକ୍ଷରୁ ଅନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା। ପରେ ୮ଗୋଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ଖେଳ କନିଆଡୁବା ଏଫ୍ ସି ଓ ଯୁଆନ କ୍ଲବ୍ ଏଫ୍.ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବେକର ଜରିଆରେ ଜରିଆରେ ୪/୨ଗୋଲରେ କନିଆଡୁବା କୁ ହରାଇ ଜୁଆନ କ୍ଲବ୍ ଏଫ୍.ସି ଚମ୍ପିୟାନ ହୋଇଥିଲା।ସାନ୍ଧ୍ୟ ଅଧିବେଶନରେ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପରେ ବିଜେତା ଦଳକୁ ପଚାଶ ହଜାର ପାଞ୍ଚ ଟଙ୍କା , ରନର୍ସଅପ ଦଳକୁ ତିରିଶି ହଜାର ପାଞ୍ଚ ଟଙ୍କା , ସେମିଫାଇନାଲ ରେ ପରାଜିତ ଦୁଇ ଦଳ ଯଥା ବାଲେଶ୍ୱରର ଜୁନିୟର ଇଲେଭେନ ଷ୍ଟାର ଏବଂ ଡାର୍କଲାଇଟ ଏଫସିକୁ ମୁଖ୍ୟଅତିଥି ଙ୍କ ଦ୍ୱାରା ପାଞ୍ଚ ହଜାର ଲେଖାଏଁ ରାଶି ଦେଇ ପୁରସ୍କୃତ କରାଯାଇଥିଲା । ଉକ୍ତ ଖେଳ ପଡିଆକୁ ଉନ୍ନତି କରଣ କରାଯିବା ପାଇଁ ବିଧାୟକ ପ୍ରତିଶୃତି ଦେଇଥିଲେ। ଉଦଯାପନୀ ଦିବସରେ ଖେଳ ସଂଚାଳକ ଭାବେ ବାଲେଶ୍ୱରରୁ ଅକ୍ଷୟ କୁମାର ହେମ୍ବ୍ରମ,ରାମଚନ୍ଦ୍ର ବେଶ୍ରା, ବିଜୟ କୁମାର ହେମ୍ବ୍ରମ, ଏବଂ ଭଦ୍ରକ ରୁ ମାନସ କୁମାର ବିଶ୍ୱାଳ, ଭାଷ୍ୟକାର ଭାବେ ମୟୂରଭଞ୍ଜ ରୁ ଅର୍ଜୁନ ହାଁସଦା ଥିବା ବେଳେ ମଂଚାସୀନ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବାହାମଣୀ ମାର୍ଣ୍ଡି, ପୂର୍ବତନ ସରପଞ୍ଚ ସେରାଲ ବାସ୍କେ, ସମାଜ ସେବୀ ଉପେନ୍ଦ୍ର ଦାସ, କରୁଣାକର ପଣ୍ଡା, ସ୍ଥାନୀୟ ଶକ୍ତି କେନ୍ଦ୍ର ପ୍ରମୁଖ ରବୀନ୍ଦ୍ର ସାହୁ, ଖେଳର ମୁଖ୍ୟ ଉଦ୍ୟକ୍ତା କ୍ଲବର ସଭାପତି ଅକ୍ଷୟ ମାଝୀ ଏବଂ ସମ୍ପାଦକ ସୂର୍ଯ୍ୟା ମାଝୀ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର କୋଷାଧକ୍ଷ ଲସ ମାଝୀ, ସଦସ୍ୟ ମାନଙ୍କ ମଧ୍ୟରେ ରବି ମାଝୀ, ରାମଚନ୍ଦ୍ର ମାଝୀ, ଲାମ୍ବରା ମାଝୀ, ଦୀପକ ମାଝୀ, ଚନ୍ଦନ ମାଝୀ, ଅକ୍ଷୟ ମାଝୀ, ବିଜୟ ମାଝୀ, ସଞ୍ଜୟ ମାଝୀ, ସୂର୍ଯ୍ୟା ମାଝୀ, ବାର୍ଶା ମାଝୀ, ଦେବେନ୍ଦ୍ର ମାଝୀ, କିଶୋର ଚନ୍ଦ୍ର ମାଝୀ, ରଂଜିତ ମାଝୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥାଇ ଖେଳ ପରିଚାଳନା ରେ ସହଯୋଗ କରିଥିଲେ । ବିଭିନ୍ନ ଅଂଚଳରୁ ଶତାଧିକ ଖେକ ପ୍ରେମୀ ଖେଳକୁ ଉପଭୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ନଭେମ୍ବର ୨୦୨୩
email :
rabibarachayan2015@gmail.com




ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୨୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ମୋ ସମବୟସୀ କିଛି କୁମାରୀକନ୍ୟା, କିଛି ପରିଚାରିକା, ମୋତେ ଘରିପାରୁଶରୁ ବେଢ଼ିଯାଇ, ମୋ ରୂପର ପ୍ରଶଂସା କରିବା ସହିତ ବେଶକାରୀଙ୍କୁ ଆମନ୍ତ୍ରଣ କଲେ ମୋତେ ସୁନାର କଣ୍ଢେଇଟିଏ କରି ସଜାଇ ଦେବାକୁ, କାରଣ ସେଦିନ ପ୍ରଭୁଙ୍କ ସହିତ ମୁଁ କୁଆଡ଼େ ମଧୁଯାମିନୀ ବିତାଇବି । ଏଇ ମଧୁଯାମିନୀ କଥାଟି ଶୁଣି ମୋତେ ଯେତିକି ସୁଖ ଲାଗୁଥାଏ ସେତିକି କଷ୍ଟ ମଧ ଲାଗୁଥାଏ । ପ୍ରଭୁଙ୍କ ସହ ପ୍ରଥମ ଦେଖାରୁ ଆଜି ସାତଦିନ ବିତିଗଲାଣି । ଏହାଭିତରେ ସାତଦିନର ସୂର୍ଯ୍ୟ ଉଦୟ ହୋଇ ଅସ୍ତ ହେଲେଣି । ଚନ୍ଦ୍ର ମଧ ସାତଥର ପୂର୍ବାଚଳରୁ ପଶ୍ଚିମାଞ୍ଚଳକୁ ଗଲେଣି । ପ୍ରଭୁଙ୍କ ସହିତ ମୋର ପ୍ରଥମଭେଟ, ମୋ ସ୍ୱୟମ୍ବର, ବିବାହ, ମିଥିଳାରୁ ଅଯୋଧା ଯାତ୍ରା ଏମିତି କେତେ କ’ଣ ଘଟଣା ଘଟିଗଲାଣି । ଏ ସାତଦିନ ମୁଁ କେମିତି କଟାଇଛି ତାହା ମୋ ମନର ପ୍ରଭୁଙ୍କୁ ଜଣା । ସାତଦିନ ଅହରହ ତୁଣ୍ଡରେ ତାଙ୍କରି ନାମ ନେଇଛି । ଈଶ୍ୱର ପାର୍ବତୀଙ୍କ ଦୟାରୁ ତାଙ୍କୁ ପତି ରୂପରେ ପାଇଛି । ତାଙ୍କ ସହ ପାଖାପାଖି ହୋଇ ବିବାହ ବେଦୀରେ ବସିଛି, ହାତ ସହ ହାତ ମିଶିଛି, ମନ ସହ ମନ କେମିତି ମିଶିବ ବୋଲି ସନ୍ତୁଳି ହେଉଥିବାବେଳେ ଆଜି ସେ ସୁଯୋଗ ଆସିଛି । ପ୍ରଥମ କରି ମନ ଖୋଲି ମୁଁ ମୋ ପ୍ରଭୁଙ୍କ ସହିତ କଥା ହେବି । କି କଥା ହେବି ମୁଁ ତାଙ୍କ ସହିତ । ଏହିକଥା ଭାବି ଭାବି ମୋ ଦେହରୁ ଗମ୍‌ଗମ୍ ହୋଇ ଝାଳ ବହିଯାଉଥାଏ । ଭାବୁଥାଏଁ କିଛି ନକହି ମୁଁ କେବଳ ତାଙ୍କ ମୁହଁକୁ ଅପଲକ ନୟନରେ ଅନାଇ ରହିବି । ତାଙ୍କ ମୁଖଚନ୍ଦ୍ରରୁ ଝରୁଥିବା ଅମୀୟ ରସକୁ ମୁଁ ତୃଷିତା ଚକୋରୀ ଭଳି ପାନ କରିଯିବି । ତାଙ୍କ ଅମୃତ ନୟନର ଜ୍ୟୋତି ଦର୍ଶନରେ ଆତ୍ମାକୁ ଶାନ୍ତ କରାଇବି । ତାଙ୍କ ବାଳାରୁଣ ସମ ଓଷ୍ଠାଧାରରେ ଭାସି ଉଠୁଥିବା ସ୍ମିତହାସ ରୂପୀ ମକରନ୍ଦ ପାନରେ ତନୁ ମନକୁ ଶୀତଳ କରାଇନେବି ଏହିକଥା ଭାବୁଥିବା ସମୟରେ ବେଶକାରିଣୀ ମାନେ ମୋତେ ବ୍ୟସ୍ତ କରାଇ କହିଥିଲେ, “ଦେବୀ ଜାନକୀ ! ସନ୍ଧ୍ୟା ସମୟ ଆଗତ ପ୍ରାୟ । ଆପଣଙ୍କୁ ଠିକ୍ ଭାବରେ ଠିକ୍ ସମୟକୁ ସଜାଇ ନପାରିଲେ ମହାରାଣୀମାନେ ଆମ ଉପରେ କ୍ରୋଧ କରିବେ। ଆମକୁ ସହଯୋଗ କରନ୍ତୁ ଦେବୀ । ଆପଣଙ୍କୁ ବେଶ ଅଳଙ୍କାରରେ ସଜାଇ ପାରିଲେ ଆମର ଛୁଟି ।

ମୁଁ କିଛି କହିବା ପୂର୍ବରୁ କେଶ ସଜ୍ଜିକା ମୋର କେଶ ଖୋଲି ତହିଁରେ ସୁବାସିତ ତୈଳ ମର୍ଦ୍ଦନ କରୁକରୁ କହି ପକାଇଥିଲା, “ମାଗୋ ! ଏତେ ସୁନ୍ଦର, ସଞ୍ଚଘଞ୍ଚ, କୁଞ୍ଚିତ କେଶ ମୁଁ କାହାରି ଦେଖି ନାହିଁ । ଆଜକୁ ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଁ ମହାରାଣୀ ମାନଙ୍କର କେଶ ବନ୍ଧନ କରୁଛି । ପୂର୍ବରୁ ମୋ ମାଆ ଏମିତି କେଶସଜ୍ଜା କରୁଥିଲେ । ମୋ ମାଆଙ୍କ ଠାରୁ ମୁଁ ଯାହା ଶୁଣିଛି ଏମିତି କେଶ ଯାହାର ମସ୍ତକରେ ଥିବ, ସେ ସାକ୍ଷାତ ଲକ୍ଷ୍ମୀ ସଦୃଶା । ଆପଣ ପ୍ରକୃତରେ ମହାଲକ୍ଷ୍ମୀ ମା’ ସୀତେ । ଏହି କେଶ ହିଁ ଆପଣଙ୍କ ସୌନ୍ଦର୍ଯ୍ୟକୁ ଶତପ୍ରତିଶତ ଉଜ୍ଜ୍ୱଳମୟ କରି ତୋଳୁଛି । ଏହିକଥା କହୁକହୁ ସେ କେଶ ଗୁଚ୍ଛଟିକୁ ସୁନ୍ଦର ଜୁଡ଼ାର ରୂପ ଦେଇ କହିଥିଲେ, ଦେଖିଲ ଦେଖିଲ ବେଶକାରିଣୀ କେତକୀ, ଦେବୀଙ୍କର ରୂପ ଚନ୍ଦଭଳି ଝଟକୁଥିବା ମୁହଁକୁ ଏ ଖୋସା କେମିତି ମାନୁଛି । ତାଙ୍କ କଥାର ଉତ୍ତର ଦେଇ ବସ୍ତ୍ର ପରିଚାରିକା କେତକୀ କହିଥିଲେ, ସେ କଥା ତୁ ଆଉ ମୋତେ ପଚାରନା ମାଳତୀ । ଦର୍ପଣ ଆଗରେ ନେଇ ଦେବୀଙ୍କୁ ଛିଡ଼ାକରାଇ ଦେଲେ ସେ ନିଜେ ଜାଣିବେ ତାଙ୍କ ମସ୍ତକର ଜୁଡ଼ା କେତେ ଶୋଭନୀୟ । ଛୋଟ ମୁହଁରେ ବଡ଼ କଥା କହିବି ନାହିଁ କେତକୀ, ରାଜକୁମାର ଶ୍ରୀରାମଙ୍କ ଚକ୍ଷୁରୁ ଏ ଜୁଡ଼ା ନିଦ ହଜାଇ ଦେବକି ନାଁ ସେ ନିଜେ ଜାଣିବେ ।

ମାଳତୀର କଥା ଶୁଣି ଅନ୍ୟ ପରିଚାରିକାମାନେ ହୋ ହୋ ହୋଇ ହସି ଉଠିଥିଲେ ।

ଚକ୍ଷୁରେ କଜ୍ଜଳ ଗାର ଟାଣୁଟାଣୁ ମାଧବୀ କହିଥିଲା, ତୁମେମାନେ ଯାହା ଅନୁଭବ କର ନକର ମୁଁ କିନ୍ତୁ ଜାଣୁଛି ଏ ଟଣାଟଣା ନୀଳପଦ୍ମ ସଦୃଶ ଚକ୍ଷୁଦ୍ୱୟ ଏତେ କମନୀୟ, ଲୋଭନୀୟ ହୋଇଛି ଯେ, ମୀନ, ଖଞ୍ଜନ ଯଦି ଏ ଚକ୍ଷୁକୁ ଦେଖିବେ ସେମାନେ ଲାଜରେ ଜଳାଶୟ କିମ୍ବା ବୃକ୍ଷ ଗହଳରେ ଛପି ରହିବେ । ନିଜ ମୁହଁ ଆଉ କାହାକୁ ଦେଖାଇ ଦେବେ ନାହିଁ । ଆଉ ଆମ ରାଜକୁମାର ରାମଚନ୍ଦ୍ର ନୟନ ରୂପକ ଫାଶରୁ କେମିତି ମୁକୁଳିବେ ତାହା ତାଙ୍କୁ ହିଁ ଜଣାଥିବ ।

ପାଦରେ ଅଳତା ଦେଉଦେଉ ଆଉ ଜଣେ ପରିଚାରିକା କହିଥିଲେ, ସଖୀମାନେ ତୁମେମାନେ ଏକ ଲୟରେ ଦେଖ; ଦେବୀ ଜାନକୀଙ୍କ ପାଦତଳର ଅଳତା ବେଢ଼ କେମିତି ଦେଖାଯାଉଛି । ମୁଁ କାହିଁକି ଅଳତା ପାତ୍ର ଘେନି ଆସିଛି । ଏ କୃତ୍ରିମ ଅଳତାର କୌଣସି ଆବଶ୍ୟକତା ନାହିଁ । ଦେବୀଙ୍କ ପାଦ ତ ରକ୍ତ କଇଁର ରଂଗକୁ ନିନ୍ଦା କରୁଛି । ପାଦର ଅଙ୍ଗୁଳି ଚମ୍ପାକଢ଼ ଠାରୁ ଆହୁରି ସୁନ୍ଦର । ଏ ପାଦାଙ୍ଗୁଳିରେ ଝୁଣ୍ଟିଆ ଦେବ ନାହିଁ ସଖୀ । ଦେବୀଙ୍କ ପାଦକୁ କଷ୍ଟହେବ ।

ମୁଁ ଶୁଣିଛି ସମୁଦ୍ର ମନ୍ଥନ ପରେ ମାଆ କମଳାଙ୍କ ପାଦଯୁଗଳକୁ ଦେଖି ସ୍ୱୟଂ ନାରାୟଣ ମୋହିତ ହୋଇ ଯାଇଥିଲେ । ଦେବୀ ମୈଥିଳୀଙ୍କ ପାଦ ଦ୍ୱୟକୁ ଦେଖି...

ତାଙ୍କ ପାଟିରୁ ବଚନ ଟାଣି ନେଇ ଆଉ ଜଣେ କହିଥିଲେ ସେତିକି କହ ମଲ୍ଲୀ । ତୋ କାର୍ଯ୍ୟ ତୁ ସମ୍ପାଦନ କର । ଜ୍ୟେଷ୍ଠରାଣୀ ମା’ ଆମ ପାଖକୁ ଆସୁଛନ୍ତି । ସହସା ସେଠାରେ ମା’ କୌଶଲ୍ୟା ଉପସ୍ଥିତ ହୋଇ କହିଥିଲେ, ତୁମମାନଙ୍କର ବେଶ ସଜ୍ଜା କ’ଣ ସରିନାହିଁ । ସନ୍ଧ୍ୟାଯାଇ ରାତିର ପ୍ରଥମ ପ୍ରହର ଉପନୀତ ହେଲାଣି । କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରି ସୀତାଙ୍କୁ ଶିଙ୍ଗାର ଗୃହରୁ ନେଇ ଆସ ।

ଏତକ କହି ମାଆ କୌଶଲ୍ୟା ଚାଲି ଯାଇଥିଲେ । ବିଜୁଳି ଆଲୁଅରେ ଚମକି ଉଠିଲା ଭଳି ଚମକି ପଡ଼ିଲେ ବେଶକାରିଣୀ ମାନେ । ସହସା ସେମାନଙ୍କ ମଧ୍ୟରୁ କିଏ ହସ୍ତ ପଦାଦିରେ ଅଳଙ୍କାର ଖଞ୍ଜିଦେଲା ତ କିଏ ବକ୍ଷଦେଶରେ ଓହଳାଇ ଦେଲା ସରିସରି ହୀରା, ଲୀଳା, ମୋତି, ମାଣିକ ହାର ।

ଶେଷରେ ପାଟବସନରେ ମୋତେ ମଣ୍ଡିତ କରାଇ ଦେଇ ଦର୍ପଣ ଆଗରେ ଛିଡ଼ା କରାଇ ଦେଇ କହିଥିଲେ, ଦେବୀ ନିଜ ସୌନ୍ଦର୍ଯ୍ୟକୁ ନିଜେ ଦର୍ପଣରେ ନିରୀକ୍ଷଣ କରନ୍ତୁ । ରୂପ ଦେବାରେ ଆମର କେଉଁଠି ଯଦି ତ୍ରୁଟି ରହି ଯାଇଥାଏ, ତାହା ଆମକୁ ଦର୍ଶାଇ ଦିଅନ୍ତୁ, ଆମେ ପୁଣି ସଜାଇଦେବୁ, ନୋହିଲେ...

ସେମାନଙ୍କ କଥା ଶୁଣି ମୁଁ ନିରବ ରହିବାର ଦେଖି, ଜଣେ ବୃଦ୍ଧା ଦାସୀ କହିଥିଲେ, କାହାକୁ ତୁମେ କ’ଣ କହୁଛ ? ସେ ତ ନିଜେ ସୌନ୍ଦର୍ଯ୍ୟର ବିପଣୀଟିଏ । ତାଙ୍କୁ ତୁମେ କ’ଣ ଶୃଙ୍ଗାର କରାଇବ ? ସେ ସଜାଇଲେବି ଯେମିତି ନ ସଜାଇଲେ ବି ସେମିତି । ପଦ୍ମ ପଙ୍କରୁ ଜାତ, ହେଲେବି ଶୋଭାରେ ନର, କିନ୍ନର, ଦେବତା ସମସ୍ତଙ୍କୁ ବଶ କରେ । ଦେବୀ ଆମର ମାତା ପୃଥିବୀର ସନ୍ତାନ । ସେ ତ ମାଟିରୁ ଜାତ । ମାଟିରୁ ଜନ୍ମ ଯାର ତାଙ୍କ ସୌନ୍ଦର୍ଯ୍ୟକୁ ତୁମେ କାହା ସହିତ ତୁଳନା କରିବ । ଦେବୀଙ୍କ ହସ୍ତଧରି ନେଇ ତାଙ୍କୁ ତାଙ୍କ ମନ୍ଦିରରେ ଛାଡ଼ିଦେଇ ଆସ।

ରାତ୍ରିର ପ୍ରଥମ ପ୍ରହର ଅତିବାହିତ ହେବାକୁ ବସିଲା । ରାତି ଯେତେଯେତେ ବଢୁଥାଏ ମୋ ହୃଦ ସ୍ପନ୍ଦନ ସେତିକି ମାତ୍ରାରେ ବଢ଼ିବଢ଼ି ଯାଉଥାଏ । ଜନକ ରାଜାଙ୍କର ଏକମାତ୍ର ଅଲିଅଳ କନ୍ୟା ମୁଁ ଜାନକୀ । ଜନ୍ମର ଷୋଳବର୍ଷ ପର୍ଯ୍ୟନ୍ତ ମୋ ପିତାମାତା ମୋତେ କେତେ ଆଦର, ସ୍ନେହ, ଯତ୍ନରେ ବଢ଼ାଇଥିଲେ ସେକଥା ସେମାନଙ୍କୁ ଜଣା।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

ସ୍ମୃତିକଥା...

# ଦକ୍ଷିଣେଶ୍ୱର ମନ୍ଦିରରେ ମାଁ କାଳୀଙ୍କ ଦର୍ଶନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



(ପୂର୍ବ ପ୍ରକାଶିତ ଉତ୍ତାରୁ) ମମତାମୟୀ ସେଇ ମାତୃ ମୂର୍ତ୍ତିକୁ ଦେଖିବା ବେଳେ ଏମିତିକ କହି ଚାଲିଥାଏ । ପୂଜକ ଇସାରା ଦେଲେ ସେ ସ୍ଥାନରେ ଆଉ ଅଧିକ ସମୟ ଛିଡ଼ା ନହୋଇ ଅପସରି ଯିବାକୁ । ଅପସରି ଗଲି ସିନା । ମନ ବେଦନାକ୍ତ ହୋଇଉଠିଲା । ମାଙ୍କ ପାଖରେ ଆଉ ଟିକିଏ ଠିଆ ହୋଇ ରହିବାକୁ ବ୍ୟାକୁଳ ଲାଗୁଥିଲା । ମନ୍ଦିରର ନୀତି ନିୟମ ନମାନି, କାହାରି ବିଧି ନିଷେଧ ନମାନି ଭିତରକୁ ପଶି ଯିବା ପାଇଁ ମନେ ମନେ ବ୍ୟଗ୍ର ହୋଇଉଠୁଥିଲି କିନ୍ତୁ ସେ ଦିନ ନିର୍ଜନ ଜହ୍ନ ରାତିରେ ମନ୍ଦିରର ପାହାଚ ଉପରେ ରାମକୃଷ୍ଣ ପରମହଂସଙ୍କୁ ମା’ ଯାହା କହିଥିଲେ ସେଇ ସ୍ୱର ଗୁଞ୍ଜରିତ ହୋଇଉଠିଲା ଆତ୍ମା ଭିତରେ । - “ପାଗଳଟା ମୁଁ ତ ସବୁବେଳେ ତୋ ପାଖରେ ଅଛି ।

ମାଁଙ୍କ କରୁଣା ସ୍ପର୍ଶରେ ପ୍ରଶାନ୍ତ ହୋଇଉଠିଲା ହୃଦୟ। ସେଇଠୁ ପୁଣି ବେଲୁଡ଼ ମଠକୁ ଯାତ୍ରା । ଏଠୁ ନୌକାରେ ଗଲେ କୋଡ଼ିଏ ମିନିଟର ରାସ୍ତା । କିନ୍ତୁ ନୌକାରେ ଯିବା ପାଇଁ ଘରେ ବାପାମା ସବୁବେଳେ ମନା କରିଆସିଛନ୍ତି । ତେଣୁ ବେଲୁଡ଼ ମଠକୁ ଯିବା ପାଇଁ ମଧ ନୌକାରେ ବସିବି ନାହିଁ ବୋଲି ଭାବିଥିଲି। ତେବେ ମୋର ସବୁ ଭାବନା ଓଲଟପାଲଟ ହୋଇଗଲା। ବାପା ମାଁଙ୍କ ନିୟନ୍ତ୍ରଣ ଭିତରୁ କ୍ଷଣକରେ ଉତ୍ତୀର୍ଣ୍ଣ ହୋଇଗଲି ମୁଁ କରୁଣାମୟୀ ମାଙ୍କୁ ମନ୍ଦିର ଭିତରେ ପଚାରିଥିଲି – ମା’ ବେଲୁଡ଼ ମଠକୁ ନୌକାରେ ଯିବି ? ମାଁଙ୍କ ଉତ୍ତର ଧ୍ୱନିତ ହେଲା ହୃଦୟରେ - ‘ଯା, ନିର୍ଭୟରେ ତାଙ୍କରି ଆଦେଶ ଓ ଆଶୀର୍ବାଦ ନେଇ ଗଲି ବେଲୁଡ଼କୁ। ସେଠି ରାମକୃଷ୍ଣ ଓ ବିବେକାନନ୍ଦଙ୍କ ସ୍ମୃତି ଆହୁରି ଆଲୋଡ଼ିତ କଲା। ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ମାଁ ସାରଦା ପ୍ରମୁଖ ସମସ୍ତଙ୍କ ବ୍ୟବହୃତ ସାମଗ୍ରୀ ଦେଖି ଅତୀତକୁ ଫେରି ଯାଉଥିଲା ମନ। ମନେ ମନେ ସେ ସବୁକୁ ସ୍ପର୍ଶ କରି ବାରମ୍ବାର ପ୍ରଣାମ କରୁଥିଲି ରାମକୃଷ୍ଣଙ୍କ ଚିତା ଭସ୍ମ ଏକ ମାଟି ପାତ୍ରରେ ସଂରକ୍ଷିତ ହୋଇରହିଛି ସେଠାରେ। ସେଥିରୁ ମଧ ଶୁଭୁଥିଲା ମାଁମାଁ ଡାକର ମଧୁର ସ୍ୱର ।

ସନ୍ଧ୍ୟାର ଶୀତଳ ପବନ ଶରୀରର ସବୁ କ୍ଲାନ୍ତିକୁ ଲିଭାଇ ଦେଉଥିଲା । ମାତ୍ର ଆଉ ଅଧିକ ସମୟ ନଥିଲା ପାଖରେ । ନୌକାରେ ପୁଣି ପ୍ରତ୍ୟାବର୍ତ୍ତନ କରିବାକୁ ହେଲା ଦକ୍ଷିଣେଶ୍ୱରକୁ। ମାଁ ସାରଦାଙ୍କ ପ୍ରକୋଷ୍ଠ, ରାସମଣୀ ଦେବୀଙ୍କ ମନ୍ଦିର ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲି । ମୋ ସହିତ ଯାଇଥାନ୍ତି ଶ୍ରଦ୍ଧାସ୍ପଦ ଅନୁଜ ଶୁକମୁନି । ତାଙ୍କର ଚଷମା ଛାଡ଼ି ଦେଇ ଆସିଥାନ୍ତି ସେ ମନ୍ଦିର ପରିସରସ୍ଥିତ ଏକ ବହି ଦୋକାନରେ । ବହି ଦୋକାନୀଟି ସଯତ୍ନରେ ତାହା ରଖି ଦେଇଥିଲେ । ଏଭଳି ଛୋଟ ଛୋଟ ଘଟଣାରେ ମନ୍ଦିର ପରିବେଶରେ ଥିବା ସାଧୁତାର ସ୍ପନ୍ଦଳ ଅନୁଭବ କରିହେଉଥିଲା ଗଭୀର ଭାବରେ ।

ମନ୍ଦିର ବାହାରେ ଠିଆ ହୋଇ ରାମଙ୍କ କକ୍ଷ ଆଡ଼କୁ ଆଉ ଥରେ ଅନାଇଲି । ପୁଣି ଦେଖିଲି ସେ କକ୍ଷର ଛାତ ଉପରକୁ। ଯେତେବେଳେ କୌଣସି ଶିଷ୍ୟ ରାମକୃଷ୍ଣଙ୍କ ପାଖକୁ ଆସିନଥାନ୍ତି ସେତେବେଳେ ଏହି ଛାତ ଉପରକୁ ସେ ଚଢ଼ି ଯାଉଥିଲେ। ଆଉ ସେଇଠି ନିଜର ଅଦୃଶ୍ୟ ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ କହି ଉଠୁଥିଲେ - ଆରେ କିଏ କେଉଁଠି ଅଛରେ, ଆସ ମୋ ପାଖକୁ ।

ଗତ ଦୁଇ ବର୍ଷ ତଳେ ମଧ ପୁଣି ଥରେ ଶାନ୍ତିନିକେତନ ଯିବାବେଳେ ଦକ୍ଷିଣେଶ୍ୱର ଓ ବେଲୁଡ଼କୁ ଯିବା ପାଇଁ ଦ୍ୱିତୀୟ ଥର ସୁଯୋଗ ମିଳିଥିଲା । ଏଥର ମୋ ସହିତ ଥିଲେ ଆଦରର ଶୁକମୁନି ଓ ବାଳକୃଷ୍ଣ । ବାଳକୃଷ୍ଣ ବେହେରା ଶାନ୍ତିନିକେତନରେ ଗବେଷଣା କରୁଥିବାରୁ ମୋ ସହିତ ଫେରୁଥାନ୍ତି ବରପାଲି । ଆଉ ପୁଣି ଶୁକମୁନିଙ୍କ ପୁତ୍ର ମୋର ପୁତ୍ର ପ୍ରତିମ ସ୍ନେହର ପ୍ରୀତିଶ ମଧ ଥାଏ ପାଖରେ । ଏ ସମସ୍ତଙ୍କ ସହ ଦକ୍ଷିଣେଶ୍ୱର ଓ ବେଲୁଡ ଦର୍ଶନ ହୃଦୟକୁ ପୁଣି ଭାବପୂର୍ଣ୍ଣ କରିଦେଇଥିଲା। ମା’ କାଳୀଙ୍କ କରୁଣା ଅନ୍ତରାତ୍ମାରେ ଯେଉଁ ସ୍ନେହାଲୋକ ଭରି ଦେଇଛି ତାହା ତ ରହିବ ଚିର ଅଲିଭା ହୋଇ। ମଧରେ ମଧରେ ସେ ସବୁ ସ୍ମୃତିରେ ହୃଦୟ ଉଦ୍‌ବେଳିତ ହେଲେ ମାତୃ କରୁଣାର ମହନୀୟତା କଳନା କରି ସ୍ତମ୍ଭୀଭୂତ ହୋଇଯାଏ ହୃଦୟ । କିଛି ଦିନ ତଳେ ଅଚିନ୍ତ୍ୟ କୁମାର ସେନଗୁପ୍ତଙ୍କ ପରମପୁରୁଷ ଶ୍ରୀ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଗ୍ରନ୍ଥଟି ପଢୁଥିଲି ଅପୂର୍ବ ତନ୍ମୟତାରେ ।

ଦିନେ ରାମକୃଷ୍ଣ ପରମହଂସ କରିଥିଲେ – ଆଜି ମା’ଙ୍କ ପୂଜା ହେବ । ତାଙ୍କ କଥା ରକ୍ଷା କରି କେତେ ଯେ ଭକ୍ତ ଦକ୍ଷିଣେଶ୍ୱର ମନ୍ଦିରରେ ପହଞ୍ଚି ଯାଇଥାନ୍ତି। କିନ୍ତୁ ରାମକୃଷ୍ଣ ଥାଆନ୍ତି ଧ୍ୟାନ ନିମଗ୍ନ ହୋଇ। ଭକ୍ତମାନେ ଏକ ଅପୂର୍ବ ଅନୁଭୂତି ପ୍ରାପ୍ତ ହୋଇଥିଲେ ସେ ଦିନ । ସେମାନେ ଅଦ୍ଭୁତ ଭାବରେ ଅନୁଭବ କରିଥିଲେ ରାମକୃଷ୍ଣ ହିଁ ହେଉଛନ୍ତି ମା’ କାଳୀଙ୍କ ପ୍ରକାଶିତ ରୂପ। ସେମାନେ ବିହ୍ୱଳ ଭାବରେ ରାମକୃଷ୍ଣଙ୍କ ହିଁ ପୂଜା କରିଥିଲେ ସେଦିନ।

ଯେତେବେଳେ ଧ୍ୟାନସ୍ଥ ମନରେ ମୁଁ ଭାବି ବସେ ମାଁ କାଳୀଙ୍କ ସଂପର୍କରେ ସେତେବେଳେ ଦିବ୍ୟ ଜନନୀ ଓ ରାମକୃଷ୍ଣ ପରମହଂସ ଏକ ଓ ଅଭିନ୍ନ ହୋଇ ମୋ ଚେତନାକୁ ଆଚ୍ଛନ୍ନ କରିପକାନ୍ତି। ଉଭୟଙ୍କୁ ମୁଁ ଆଉ ଭିନ୍ନ ଭାବେ ବିଚାର କରିପାରେନାହିଁ । ଏଇ ଗଭୀର ଉପଲବ୍ଧି ମୋ ଜୀବନରେ ଆଣି ଦେଇଛି ଅପୂର୍ବ ମହକ। (ସମାପ୍ତ)

♥ ଭିଜିଟିଙ୍ଗ ପ୍ରଫେସର, ଓଡିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
(ମୋ) ୯୯୩୭୩୬୫୬୯୮

## କବିତା...



### ॥ କେମିତି ଥିବ ସେଦିନ ॥

ବୃନ୍ଦାବନ ଦାସ

ଭୀଷଣ ଆରଣ୍ୟକ ଆରଣ୍ୟକ ହୋଇଥିବ
ଶିଳା ସଙ୍ଗେ ଝାଟି ଗୁଳ୍ମ
ଅଶ୍ୱତ୍ଥ ବର ଆମ୍ର ଶାଳ ତାଳ ନାରିକେଳ
ସୁବୃହତ୍ ବାଂଶକୁଞ୍ଜ ସମେତ
ନାନାଦି ବୃକ୍ଷରାଜି
ହିଂସ୍ରଜନ୍ତୁ ସମେତ ନାନାଦି ପକ୍ଷୀ
ନା’ ଥିବ ରାସ୍ତା ନା’ ଘାଟ ?
ତା’ ଭିତରେ ବି
କାଁ’ଭାଁ ମଣିଷ ଥିବେ, ଥିବ କ୍ଷୁଦ୍ର ଜନପଦ ।

ପାହାଡ ତଳି ଗାଁରେ
ଯିଏ ଯେତିକି ପାରୁଥିବ ସେତିକି ଚଷୁଥିବ
ଶସ୍ୟ ଗଣ୍ଡାକ ତାର ଥିବ କି ରାଜାର !
କେତେଥିବ ତା’ର କେତେଥିବ ରାଜାର

କେମିତି ଥିବ ତା’ର ଘର
ରୋଗବ୍ୟାଧିରେ
କେମିତି ଥିବ ତା’ର ଦିହ ।

ସେଦିନ ବି ଝଡ ଥିବ
ନଈ ଥିବ ବଢି ଥିବ
ବଢି ପାଣିରେ ଧସି ପଡୁଥିବ ଝାଟିମାଟି
ପୁଣି ତାକୁ ଛିଡା କରଉଥିବ ମଣିଷ
ନିଜେ ଛିଡା ହେଉଥିବ
ଦୁଃଖର କଣ ସମୟ ଥାଏ !
ଦୁଃଖ ତ’ ବାରମାସୀ ଋତୁ
ତା’ ବର୍ଷାରେ ଖରାରେ ଶୀତରେ
ସଦାକାଳେ ବିଚରା ମଣିଷ ନିଜକୁ ନିଭଉଥିବ ।

ସେଦିନ ଆସ୍ୱର୍ଦ୍ଧାର ଘୋଡା ଚଢି
କେହିଜଣେ
ତା’ ସ୍ୱପ୍ନ ସାକାର ପାଇଁ ଆସିଥିବ କି !
ନା- ନା- କେହିଜଣେ ନିର୍ମାୟା ପୁରୁଷ
ସମ୍ପର୍କକୁ ଯୋଡିବା ପାଇଁ ପ୍ରେମରେ
ହୁଏତ ସେଠି ଆଣ୍ଠୁମାଡି ବସି ପଡିଥିବ ।

ତା’ପରେ ଶିଳାରୁ ଗୋଟେ ପରେ ଗୋଟେ
ପଦ୍ମ ଫୁଟିବାର ଉପକ୍ରମରେ
ସ୍ତବ୍ଧ ହୋଇ ଯାଇଥିବ ସମୟ ।

♥ ଅଧ୍ୟାପକ: ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
(ମୋ) ୯୭୭୭୮୪୩୦୩୧



### ॥ କରିବିନି କାମ ॥

ଜୟନ୍ତୀ ବିଶ୍ୱାଳ ବେହୁରିଆ

ବିତର୍କ ହୁଏ କେତେ କେତେ
ଘଟଣାକୁ ନେଇ,
ବିମର୍ଷ ହୁଅନ୍ତି ବି କିଛି ଲୋକ !
ଗାଉନ୍ ପିନ୍ଧି କେମିତି ମୁଁ,
ଚଟାଣରେ ଗୋଡ ଘସି
ଟହଲ ମାରେ;
ଉଚ୍ଚ କଣ୍ଠେ କଥା କୁହେ
ଶବ୍ଦ କରି ହସେ ଠୋ, ଠୋ ।

ହାଣ୍ଡିରୁ ଭଲ କରି ଛାଡେ ନାହିଁ କଳା;
ତରକାରୀରୁ ଭାସିଆସେ କଂଚା ମସଲାର ଗନ୍ଧ

ଲକ୍ଷ୍ମୀ ପୂଜା କରେନାହିଁ ପବିତ୍ରତା ସହ;
ହୃଦୟରେ ଭକ୍ତି ରଖି,
କରେନାହିଁ, ସାବିତ୍ରୀ ଓପାସ ।
ଶଣ୍ଢଣା ଜଣାନାହିଁ ମୋତେ;
ଖରା ଯେବେ ଟାଣ ହୁଏ ,
ଅଗଣାରେ ବସି
ମୁହଁଧୋଇ ପୋଛାପୋଛି ହୁଏ
ବୁଝେନାହିଁ କେବେହେଲେ
ମନ କଥା କା’ ର
ଅବା ଚାଆ କିଏ ପିଏ ।

ଘର କେବେ ସଜାଏନା ଖୁସି କରି ମନ,
ଗୋଡରେ କାହାର କେବେ ଲଗାଏନି ହାତ।
ଖାଏ ଖାଲି ବସି ବସି,
ବୁଲାବୁଲି କରେ ମନଇଚ୍ଛା !
ମୁଁ’ ତ ଗୋଟେ ନାରୀ ନୁହେଁ
ଅଦ୍ଭୁତ ଜୀବ,
ମୋ ନାଆଁରେ ଅଭିଯୋଗ ।

ଏଇ ସବୁ କର୍ମକାଣ୍ଡ ଦେଖି
ଯଦି କା’ର ବଢିଯାଏ ରକ୍ତଚାପ,
ନିର୍ବାସନ ଦଣ୍ଡ ଯଦି
ଭୋଗିବାକୁ ପଡେ ମୋତେ,
ତଥାପି ମୁଁ ଏକା ଏକା
ବସି ବସି ନିଃଶ୍ୱାସ ନେବି ନିର୍ଭୟରେ ।

ଗଳା ଖୋଲି କହିବି ନିଷ୍ଠେ,
ମୋ’ ପାଇଁ ଧରାବନ୍ଧା ରହିଲେ ନିୟମ;
କିଛି ବୋଲି କିଛି ହେଲେ, କରିବିନି କାମ !

♥ କୃଷ୍ଣନଗର, ବାଲିଆ, ବାଲେଶ୍ୱର
(ମୋ) : ୮୯୮୪୬୪୨୫୦୩

## ଗୀତିକବିତା



### ॥ ପ୍ରେମର ପରିଧି ॥

ଡ. ଶ୍ରୀଧର ସାମଲ

ପ୍ରେମର ଭଗ୍ନାଂଶ ନିହାତି ଜଟିଳ
ଫଳ ମିଳେ ଅବସୋସ
ଯେତେ ସୂତ୍ର ନେଇ କଷିଲେ ବି ତାକୁ
ସେଇ ଏକା ଭାଗଶେଷ ।

ପ୍ରେମର ଭୂଗୋଳ ବୁଝିବା ଜଟିଳ
ବହିଯାଏ ହୋଇ ନଦୀ
ମନକୁ ବୁଝାଏ ସ୍ୱପ୍ନର ବର୍ଷାରେ
ହୋଇ କେବେ ଜହ୍ନ ରାତି ।


ପ୍ରେମର ଗଣିତ ଜଟିଳ ପ୍ରଶ୍ନରେ
ହଜିଯାଏ ଧ୍ୟାନ ମନ
ଭଲପାଇବାର ସଂଜ୍ଞା ତ ଅଲଗା
ଅନୁଭବ ପ୍ରତିକ୍ଷଣ ।

ପ୍ରେମର ପରିଧି ଏତେ ଯେ ବ୍ୟାପକ
ମାନେନାହିଁ ସ୍ଥାନ ମାନ
ପ୍ରେମରେ ଭିଜିବା ପ୍ରେମରେ ମଜିବା
ଜୀବନର ଅନ୍ୟନାମ ।

♥ ସଂପାଦକ : ମୌସୁମୀ, କଜଳା
କେନ୍ଦ୍ରାପଡା
(ମୋ)୯୪୩୭୬୦୭୯୯୭

### ॥ କଳାଚଢେଇ ଋତୁ ॥

ଶ୍ରୀଦେବ



ବାସିପାଇଟି ସାରିବାକୁ
ଚଢେଇଟି ରାବି ଦେଇ ଯାଇଛି,
କାହିଁ କେତେ ସକାଳୁ।

ଆମ ଗାଁ-ମଥା ଶ୍ମଶାନ
କଦମ୍ବ ଡାଳରେ ବସି,ବଇଁଶୀ ଫୁଙ୍କୁଥିବା
ଗାଇଆଳ ପିଲାଟିର ନାଁ
ବସନ୍ତ। ଯିଏ ଉଡି ଆସିଥିଲା ଏ
ଇ ଗାଁକୁ କିଛିଦିନ ତଳେ,
ଶିମୁଳୀ ଫୁଲ ଭର୍ତ୍ତି
ଏକ ଟ୍ରକ୍ ଡାଳାରେ। କିଛି ଖାଇଲା ନଖାଇଲା
ବେପରୁଆ ବଇଁଶି ଧରି ଶୋଇଯାଉଥିଲା
ଆ’ ତା’ ଓଳି ତଳେ
ଦେହଥକ୍କା ପାକଳ ପବନରେ।

ଆଖପାଖ ମୂଲକରେ
ତା’ର କେହି ବୋଲି ନଥିଲେ।
ଖାଲି ଯା’ ବେଳେବେଳେ
ହରଡଖାଇ-ହଳଦୀ ବସନ୍ତ
ନତୁବା କୁଆ-କପୋତ। ୟା’ ବାଦେ
କେହି ନଥା’ନ୍ତି
ତା’ର ଡେଙ୍ଗା ଖରାବେଳଟାରେ।

ଏବେ ସାବ୍‌ଜା ସାବ୍‌ଜା ପତ୍ର
କଅଁଳୁଚି କୟାଁ-କରଞ୍ଜ ଗଛରେ। ଗୋରୁପଲ୍ଲ ବି
ଆସୁନାହାନ୍ତି ଆଗ ପରି ବୁଆଳୀ ଖାଇତେ।
ବାଟି ବାଟି ଚାଷଜମି ପଡିଚି ପଡିଆ କେଜାଣି
କାହା ଅପେକ୍ଷାରେ ?
ପୁଣି, ଘରଛପର ପାଇଁ ଆଜିକାଲି
ଦରକାର ହଉନି ନଡାକୁଟା,
ବାଉଁଶ କି ବତା ତ ଅକାରଣ ହଇରାଣ ହଉଚି
ଛେଉଣ୍ଡ ଛୁଆଟିର ବଇଁଶୀର ସୁର
ନିଆଁ-ଖରା ନଈକୂଳରେ।

ଥରେ ଥରେ ବୁଲି ଆସିଲେ ହୁଅନ୍ତା କି
ଗାଁର ଶୁଖିଲା କଲୁରୀବେଣ୍ଟ ପୋଖରୀ ତୁଠ ?
ଦେଖି ଆସିଲେ ବି ହୁଅନ୍ତା
ପର୍ବପର୍ବାଣୀର ଜାନିଯାତ
ନୂଆକରି ତିଆରି ଚାଲିଥିବା
ଡିମିରି ଫୁଲଙ୍କ ସଂସ୍କୃତି ନାଚ !

ବସନ୍ତ, ବଇଁଶୀ ଧରି ଦିନେ
ପହଞ୍ଚିଲା ଶେଷରେ
ଶହେ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ଘରେ।
ଟୋଲା ଲୋଟା, ମୋଟା ଲେନ୍ସ ଚଷମା
ବରଡା ପତର ପଖିଆ
ଓ ଫଟୋଟିଏ ଗାନ୍ଧୀ ମହାତ୍ମା
ରଣବଣ ଛିଣ୍ଡା ଛତା, ଗୀତାଟିଏ ଛାଡି
ତାଙ୍କର ବୋଲି କେହି ଆଉ ନଥିଲେ।
ହାରି ଯାଇଥିବା ଦାୟରେ
ଏଯାଏଁ ବଞ୍ଚିଛନ୍ତି ବୋଲି
ଯିଏ ଦମ୍ଭ ଦାବି ରଖୁଥିଲେ।

ସେଇଠି ପହଞ୍ଚିଲା ଅଧୁନା
ଗାଇଆଳ ପିଲା ବସନ୍ତ।
ଧୀର ହେଇ ବସିଲା ତାଙ୍କଠି
ପ୍ରଥମେ ସରୁ ସରୁ ଆଙ୍ଗୁଳି ଥୋଇଲା ବଂଶୀରେ
ତା’ପରେ କ’ଣ କହିବାକୁ ଚାହୁଁଥିଲା କେଜାଣେ
ଜୋର୍ ଆଉରି ଜୋର୍ ବଇଁଶିକୁ ଫୁଙ୍କି।

ହାୟ !
କାନକୁ କିଛି ବି ଶୁଭୁନଥିଲା
ସ୍ୱାଧୀନତା ସଂଗ୍ରାମୀଙ୍କର
ଆଖିକୁ କିଛି ହେଲେ କିଛି ଦିଶୁନଥିଲା,
କହିବା ବାହୁଲ୍ୟ।

ଆଶ୍ଚର୍ଯ୍ୟ ଋତୁ ଯେ’-
ସାରା ଗାଁଟାରେ
ଗୋଟେ ହେଲେ ଗଛପତ୍ର କଅଁଳୁ ନଥାଏ,
ଓ ଯେଉଁଠି ପର୍ବତାକାର ସଞ୍ଜ ନଇଁ ଆସୁଥାଏ
ପ୍ରକାଣ୍ଡ ଦ୍ୱିପ୍ରହରେ।

♥ ସମ୍ପାଦକ:ଚନ୍ଦ୍ରଭାଗା
ବାଲେଶ୍ୱର-୭୫୬୦୦୩,
(ମୋ) ୯୪୩୭୧୨୩୮୨୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୯ ନଭେମ୍ବର ୨୦୨୩



ଆଲୋଚନା

# ସମ୍ଭବାମି ଯୁଗେ ଯୁଗେ

## ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ଶାସ୍ତ୍ରରେ କୁହାଯାଇଛି 'ବର୍ଷାଣାମ୍ ଭାରତ ଶ୍ରେଷ୍ଠଃ'। ଅର୍ଥାତ୍ ଦେଶ ମାନଙ୍କ ଭିତରେ ଭାରତ ହେଉଛି ଶ୍ରେଷ୍ଠ ଭୂମି। ଯୁଗ ଯୁଗ ଧରି ଏହି ମାଟିରେ ଅବତୀର୍ଣ୍ଣ ହୋଇଛନ୍ତି ଅନେକ ଦେବ-ଦେବୀ, ସାଧୁ-ସନ୍ଥ, ମହାପୁରୁଷ। ସାରା ଦୁନିଆକୁ ଆଲୋକିତ କରିଛନ୍ତି ନିଜର ସାଧନା ଓ ଅଲୌକିକ ଜ୍ୟୋତି ମାଧ୍ୟମରେ। ଅବତାରୀ ପୁରୁଷ ଓ ଧର୍ମଗୁରୁମାନେ ଭାରତୀୟ ଜୀବନ ଦର୍ଶନକୁ ସରଳ ଓ ସୁଗମ ଉପାୟରେ ଲୋକମାନଙ୍କୁ ଶିକ୍ଷା ଦେଇଛନ୍ତି ଶାସ୍ତ୍ର ଓ ସମ୍ଭାଷଣ ମାଧ୍ୟମରେ। ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି ଯେତେବେଳେ ପୃଥିବୀରେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମ ବଳବତ୍ତର ହୁଏ ଦୁଷ୍ଟ ମାନଙ୍କୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ଭଗବାନ ପୃଥିବୀ ପୃଷ୍ଠରେ ଅବତରଣ କରନ୍ତି। ପୃଥିବୀର ଏହି ଘଡ଼ିସନ୍ଧି ସମୟରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଆନ୍ଧ୍ରପ୍ରଦେଶର ଅନନ୍ତପୁରମ୍ ଜିଲ୍ଲା ପାହାଡ ପର୍ବତ ଘେରା ପୁଟ୍ଟାପର୍ତ୍ତି ନାମକ ଏକ କ୍ଷୁଦ୍ର ଗ୍ରାମରେ ଆବିର୍ଭୂତ ହୋଇଥିଲେ। ସେ ଦିନ ଥିଲା ୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖ, କାର୍ତ୍ତିକ ମାସ ସୋମବାର କୃଷ୍ଣପକ୍ଷ ତୃତୀୟା ତିଥି, ଆର୍ଦ୍ରା ନକ୍ଷତ୍ର ଓ ବର୍ଷଟି ଥିଲା ଅକ୍ଷୟ ସଂବତ୍ସର। ଯାହାର ଅର୍ଥ ସଦାପୂର୍ଣ୍ଣ। ଜେଜେମା ଲକ୍ଷାମ୍ମା ସତ୍ୟନାରାୟଣ ପୂଜା କରୁଥିବାବେଳେ ପିଲାଟି ଜନ୍ମ ହୋଇଥିବାରୁ ପିଲାଟିର ନାମକରଣ କରାଗଲା ଶ୍ରୀସତ୍ୟନାରାୟଣ ରାଜୁ। ସତ୍ୟ ଅଟେ ପରଂବ୍ରହ୍ମ ଓ ନାରାୟଣର ଅର୍ଥ ହେଉଛି ପାଳନ କର୍ତ୍ତା। ବାବା ଯେ ଆସିଥିଲେ ମନୁଷ୍ୟକୁ ସତ୍ୟର ମାର୍ଗ ଦେଖାଇବାକୁ ଓ ମନୁଷ୍ୟ ଭିତରେ ଥିବା ଦିବ୍ୟ ଚେତନାକୁ ଉନ୍ମିଳନ କରିବାକୁ ତାହା ଏହି ନାମ ପ୍ରତିପାଦନ କରେ। ପିଲାଦିନେ ସତ୍ୟ ଅନେକ ଅଲୌକିକ ଲୀଳା ପ୍ରଦର୍ଶନ କରୁଥିଲେ। ଗ୍ରାମବାସୀମାନେ ତାଙ୍କୁ 'ବ୍ରହ୍ମଜ୍ଞାନୀ' ବୋଲି ଡାକୁଥିଲେ। ଗ୍ରାମ ନିକଟରେ ଏକ ପାହାଡ଼ ଉପରେ ଥିବା ତେନ୍ତୁଳିଗଛରୁ ସେ ସାଙ୍ଗମାନଙ୍କୁ ଫଳ, ମଠାଇ ଇତ୍ୟାଦି ତୋଳି କରି ଦେଉଥିଲେ। ଅଦ୍ୟାବଧି ବିଦ୍ୟମାନ ସେହି ତେନ୍ତୁଳିଗଛକୁ 'କଳ୍ପବୃକ୍ଷ' ବୋଲି କୁହାଯାଏ।

୧୯୪୦ ମସିହା ଅକ୍ଟୋବର ମାସ ୨୦ ତାରିଖ ଦିନ ସତ୍ୟ ନିଜକୁ ଅବତାର ବୋଲି ଘୋଷଣା କଲେ ଓ ତାଙ୍କର ପ୍ରଥମ ଭଜନ ଶିକ୍ଷା ଦେଲେ ଯାହା ଆଜି ସମସ୍ତ ସାଇ ଭକ୍ତ ମାନଙ୍କ ମନରେ ପ୍ରତିଧ୍ୱନିତ ହେଉଛି; 'ମାନସଭଜରେ ଗୁରୁଚରଣମ୍, ଦୁସ୍ତର ଭବସାଗର ତରଣମ୍।' ଅର୍ଥାତ୍ ଆମେ ସମସ୍ତେ ଦୁସ୍ତର ଭବସାଗରରେ ପଡ଼ିଛେ। ତାହାକୁ ଅତିକ୍ରମ କରିବା ପାଇଁ ମନପ୍ରାଣ ଦେଇ ସଦଗୁରୁଙ୍କ ପଦାରବିନ୍ଦକୁ ସ୍ତୁତି କରିବା ଉଚିତ। ସେ ଆମକୁ ଜନ୍ମମୃତ୍ୟୁର ସାଗରକୁ ପାର କରାଇବେ। ଗୁରୁଗୀତାରେ ଉଲ୍ଲେଖ ଅଛି ଯେ ଗୁରୁହିଁ ସମସ୍ତ ସାଧନାର ମୂଳ। ଧ୍ୟାନମୂଳମ୍ ଗୁରୁ ମୂର୍ତ୍ତିମ୍, ପୂଜା ମୂଳମ୍ ଗୁରୁ ପଦମ୍, ମନ୍ତ୍ରମୂଳମ୍ ଗୁରୁ ବାକ୍ୟମ୍, ମୋକ୍ଷମୂମ୍ ଗୁରୁକୃପା'। ଏଥିରୁ ସ୍ପଷ୍ଟ ଜଣାପଡ଼େ ଗୁରୁ ସର୍ବଜ୍ଞାତା, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ଭଗବାନ ଶ୍ରୀସତ୍ୟସାଇ ହିଁ ସଦଗୁରୁ। ସେ ହିଁ ସତ୍ୟ, ସେ ଶିବ, ସେ ସୁନ୍ଦର। ୨୦୧୧ ମସିହା ଅପ୍ରେଲ ମାସ ୨୪ ତାରିଖରେ ସେ ଶରୀର ତ୍ୟାଗ କରିଥିଲେ। ସମଗ୍ର ଜୀବନ ମାନବ ସମାଜ କଲ୍ୟାଣ ପାଇଁ ସେ ଚିନ୍ତା କରୁଥିଲେ। ସେ ତାଙ୍କ ସମ୍ଭାଷଣ ମାଧ୍ୟମରେ ଆମ ମାନଙ୍କ ପାଇଁ ଅନେକ ଉପଦେଶ ଓ ବାର୍ତ୍ତା ଦେଇଯାଇଛନ୍ତି। ତାଙ୍କ ରଚିତ ଧର୍ମବାହିନୀ, ପ୍ରେମ ବାହିନୀ, ଧ୍ୟାନ ବାହିନୀ, ଜ୍ଞାନବାହିନୀ ଇତ୍ୟାଦି ଅନେକ ପୁସ୍ତକ ପ୍ରତ୍ୟେକ ଗୋଟିଏ ଲେଖାଏଁ ଅମୂଲ୍ୟ ଗ୍ରନ୍ଥ। ଭଗବାନ ବାବାଙ୍କର ମାନବ ସମାଜକୁ ଶ୍ରେଷ୍ଠ ଅବଦାନ ହେଉଛି ନିଷ୍କାମ ପ୍ରେମ ଓ ନିଃସ୍ୱାର୍ଥ ସେବା। ତାଙ୍କର ବାଣୀ ହେଉଛି 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର'। କାରଣ ପ୍ରେମ ମନୁଷ୍ୟ ଭିତରେ ଏକତ୍ୱବୋଧ ସୃଷ୍ଟି କରେ ଓ ସେବା ବ୍ୟକ୍ତିର କର୍ମଫଳ ଖଣ୍ଡନ କରିବା ସହ ଅହଂକାରକୁ ବିନାଶ କରେ। ତାଙ୍କର ଆଉ ଏକ ବାର୍ତ୍ତା 'ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନକର।' ଅର୍ଥାତ୍ କାହାଠାରୁ ସାମାନ୍ୟତମ ସାହାଯ୍ୟ ପାଇଲେ କୃତଜ୍ଞ ହୁଅ ଓ ନିଜେ ଯଦି କାହାକୁ ସାହାଯ୍ୟ କରିଛ ଭୁଲିଯାଅ। କିନ୍ତୁ କାହାରି ମନରେ ଆଘାତ ଦେଲାଭଳି କଥା କୁହନାହିଁ। ବାବା ଶିକ୍ଷା ଦିଅନ୍ତି ମାନବ ସେବା ହିଁ ମାଧବ ସେବା। ଶିବଜ୍ଞାନରେ ଜୀବସେବା ହିଁ ଭଗବାନଙ୍କ ଶ୍ରେଷ୍ଠ ପୂଜା। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ 'ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କହିଁ ଖୋଜୁଛ ଈଶ୍ୱର ? ଜୀବେ ପ୍ରେମ କରେ ଯେଉଁଜନ, ସେଇ ମାତ୍ର ସେବଇ ଈଶ୍ୱର।'

ଭଗବାନ ବାବା ଅବତାର ନେଇଥିଲେ ଧର୍ମ ସଂସ୍ଥାପନ କରିବାକୁ ଓ ସବୁ ଧର୍ମର ସମନ୍ୱୟ କରିବାକୁ। ସେ କହୁଥିଲେ ଧର୍ମ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ। ଏକ ହିଁ ଧର୍ମ ମାନବଧର୍ମକୁ ପାଳନ କଲେ ସେ କହୁଥିଲେ ସେ ଏ ଅବତାରରେ ଦୁଷ୍ଟ ସଂହାର ନ କରି ସଂଶୋଧନ ବା ସଂସ୍କାର କରିବା ତାଙ୍କର ଉଦ୍ଦେଶ୍ୟ। ଯାହା କେବଳ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମାଧ୍ୟମରେ ସମ୍ଭବ। ଭଗବାନ ବାବା ସ୍ଥୁଳ ଶରୀରରେ ଆମ ମାନଙ୍କ ସହିତ ନାହାନ୍ତି। ମାତ୍ର ସୂକ୍ଷ୍ମ ଶରୀରରେ ସେ ଆମ ମାନଙ୍କୁ ଜଗି ରହିଛନ୍ତି। ତାଙ୍କର ପବିତ୍ର ଜନ୍ମତିଥିରେ ପ୍ରାର୍ଥନା କରୁଛି ତାଙ୍କର ପାଦପଦ୍ମରେ ଆଶ୍ରୟ ଦେଇ ଭକ୍ତମାନଙ୍କୁ ଭବସାଗରରୁ ଉଦ୍ଧାର କରନ୍ତୁ। ଆସନ୍ତୁ ଆମ୍ଭେମାନେ ସମସ୍ତେ ସାଇ ଚରଣରେ ନିଜକୁ ସମର୍ପଣ କରି ଜୀବନକୁ ସାର୍ଥକ କରିବା।

♥ ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ
(ମୋ) : ୯୮୬୧୩୫୫୬୨୮

ଗୋଟେ ଅନୁଭବୀ ଗପ

# ରକ୍ତ ଭୋଜି

## ପଦ୍ମାଳୟା ସାମଲ



ଶୀତୁଆ ସଂଧ୍ୟା । ଉଜ୍ଜ୍ୱଳ ଆଲୋକ ଭିତରେ ନିଖୁଣ ଭାବେ ସଜା ପେଣ୍ଡାଲରେ ବରକନ୍ୟା ପାଖାପାଖି ଠିଆ ହୋଇ ଉପହାର ଗ୍ରହଣ କରୁଥାଆନ୍ତି । ଅତିଥିମାନଙ୍କ ସହ ଫଟୋ ଉଠାଇବା ବେଳେ ଉଭୟ ସ୍ମିତହାସ୍ୟ ଦେଉଥାନ୍ତି । ସେମାନେ ମୋର ଖୁବ୍ ଆତ୍ମୀୟ । ପୁଅର ମା ମୋ ସାଙ୍ଗ, ଆଉ ଝିଅର ବାପା ମୋ ସ୍ୱାମୀଙ୍କ ଅଫିସର କର୍ମଚାରୀ । ଦୁଇପଟର ପରିଚିତ ମୁଁ । ମତେ ଦେଖି ବେଢ଼ିଯାଇଥିଲେ ମୋ ସାଙ୍ଗ ଜୁଲିର ପରିବାର ଲୋକେ । ଜୁଲିର ସନ ଭଉଣୀ ମତେ ଏକରକମ କୁଣ୍ଢେଇ ନେଇ ବସେଇଦେଲା ଗୋଟେ ଚେୟାରରେ । କହିଲା, 'ତୁମେ ଏଇଠି ବସ, ମୁଁ କଣ ଟିକେ ଆଣେ ।'

ହୋଟେଲ ଭିତର ଲନରେ ହାଲୁକା ଘାସ ଥିଲା । ପବନ ପାଇଁ ବାହାରଟା ଭାରି ଭଲ ଲାଗୁଥିଲା । ମୋର ମୋଟେ ଖାଇବାକୁ ଇଚ୍ଛା ନ ଥିଲା । କହିବାକୁ ଗଲେ ଖାଇବା ଅପେକ୍ଷା ଅନେକ ଦିନ ପରେ ପୁରୁଣା ବନ୍ଧୁମାନଙ୍କୁ ଭେଟିବାଟା ବେଶି ଆମୋଦଦାୟକ ଥିଲା ମୋ ପାଇଁ । ଖୁବ ସୁନ୍ଦର ଭାବେ ସଜା ହୋଇଥିଲା ଖାଇବା ଷ୍ଟଲ ଗୁଡାକ । ଗୋଟେ କଡକୁ ଆମିଷ, ନିରାମିଷ ଚାଖଣା । ମେନ କୋର୍ସର ଷ୍ଟଲଗୁଡା ଅଲଗା ଅଲଗା କରି ସଜାଯାଇଥାଏ । ସବୁ ଷ୍ଟଲ ସାମ୍ନାରେ ଆଇଟମର ନାଁ । ମନେ ମନେ ତାରିଫ କରୁଥିଲି ହୋଷ୍ଟଙ୍କୁ । ଚିକେନ ପକୋଡା, ଫିଙ୍ଗର ଫିସ ଦୁଇପ୍ଲେଟ ଏବଂ ଭେଜ ସୁପଟିଏ ରଖିଦେଇ ଗଲା ମିଲି ମୋ ସାମ୍ନାରେ । ନାପକିନ ରୁମାଲଟିଏ ମୋ ହାତକୁ ବଢେଇଦେଇ ମିଲି କହିଲା, 'ମେନ କୋର୍ସ ଖାଇନେବେ' । ଏତିକିବେଳେ ମୋ ନଜରଟା ପଡିଲା ଏକ କ୍ୟାଟରିଙ୍ଗ ବୟ ଉପରେ । କାହିଁକି କେଜାଣି ମତେ ଲାଗିଲା ଯେମିତି ଅନେକ ଦିନ ହେଲା ତା ମୁହଁରୁ ହସ ଲିଭିଯାଇଛି । ଗରମ ସୁପରୁ ଢୋକେ ଢୋକେ ନେଇ ମୁଁ ଅନ୍ୟମନସ୍କ ହୋଇ ତା ଆଡକୁ ଚାହିଁରହିଲି । ଧୀରେ ଧୀରେ ଯାଇ ତା ପାଖରେ ପହଞ୍ଚିଗଲି । ପାଖରୁ ମତେ ଦେଖି ପିଲାଟା ପଚାରିଲା, 'କଣ ଦେବି ମ୍ୟାମ୍ ?' ମୁଁ ପିଲାଟିକୁ ନିରେଖି ଚାହିଁଲି । ବୟସ ସତର ଅଠର ବର୍ଷ ହେବ । ତା ଆଖି ଉପରେ ମୋ ନଜର ପଡିବା କ୍ଷଣି ମୋ ଭିତରଟା ଯେମିତି ଦୁଃଖରେ ରୁନ୍ଧି ହୋଇଆସିଲା । ହାତକୁ ପ୍ଲେଟଟା ବଢେଇଦେଲା ସେ । ପଚାରିଲା, 'ଆଜ୍ଞା କଣ ଦେବି ?' - 'ପରେ ଖାଇବି' କହି ତା ପାଖରେ ପଡ଼ିଥିବା ଚେୟାର ଟାଣି ଆଣି ବସିପଡ଼ିଲି ।

କାହିଁକି କେଜାଣି ପିଲାଟିକୁ ପଚାରିଦେଲି, 'ଆରେ ପୁଅ ତମ ଘର କୋଉଠି ?' ମୋ ପ୍ରଶ୍ନର ଉତ୍ତର ଦେବାକୁ ସେ ଟିକେ ଥମଥମ ହେଲା । ବୋଧହୁଏ କହିବାକୁ ପ୍ରସ୍ତୁତ ନ ଥିଲା । ମୁଁ ପୁଣି ଥରେ ମୋ ପ୍ରଶ୍ନ ଦୋହରାଇଲି । ଏଥର ସେ କଣ ଭାବିଲା କେଜାଣି ମୋ ପାଖକୁ ଆସି ଧୀରେ କହିଲା, 'ଲୋକଗହଳି କମିଯାଉ, ମୋ



ପରିଚୟ ଆପଣଙ୍କୁ ନିଶ୍ଚୟ ଦେବି ।'

କିଏ ଯାର ବାପା ? କେତେ ନିର୍ଦ୍ଦୟ ସିଏ ? ମଣିଷ ନା ପଶୁଟେ ? ଏଇ ସମୟଟା ପାଠ ପଢିବା ସମୟ । ସାଙ୍ଗମାନଙ୍କ ସହ ହସିଖେଳି ଜୀବନକୁ ଉପଭୋଗ କରିବାର ସମୟ । ହେଲେ ଏ ବୟସରେ ବୟ କାମ କରୁଛି !

ରାତି ପାଖାପାଖି ନଅଟା ତିରିଶ । ଧୀରେ ଧୀରେ ଭିଡ଼ କମିଆସିଲାଣି । ପରଷିବା କାମରୁ ଟିକେ ଫୁରସତ ପାଇ ପିଲାଟା ମୋ ପାଖରେ ଆସି ବସିପଡ଼ିଲା । ସେ ଆରମ୍ଭ କଲା ତା ଜୀବନରେ ଘଟିଯାଇଥିବା ଦୁର୍ଘଟଣା ।

ଦଶବର୍ଷ ତଳକୁ ଫେରିଗଲା ସେ ।

କହିଲା- 'ଏ ଯେଉଁ ବିରାଟ ଜମି ଉପରେ ହୋଟେଲ ଠିଆ ହୋଇଛି, ଏସବୁ ଦିନେ ମୋ ବାପାଙ୍କର ଥିଲା । ଅଳ୍ପ ଦୂରରେ କୋର୍ଟ ଟାଇ ପିନ୍ଧି ଠିଆହୋଇଥିବା ଜଣେ ବ୍ୟକ୍ତିଙ୍କ ଆଡକୁ ଇଙ୍ଗିତ କରି କହିଲା, 'ଏ ହେଉଛନ୍ତି ଶୁଭଙ୍କର ସ୍ୱାଇଁ, ମୋ ବାପାଙ୍କ ସାଙ୍ଗ । ପିଲାବେଳେ ମୁଁ ଦେଖିଛି ମୋ ବାପାଙ୍କୁ ସେ ତାଙ୍କ ସିମେଣ୍ଟ ବେପାରରେ ସାହାଯ୍ୟ କରୁଥିଲେ । ଧୀରେ ଧୀରେ ଆମ ପରିବାରର ନିକଟତର ହେଲେ । ସବୁ ଠିକ୍‌ଠାକ୍ ଚାଲିଥିବା ସମୟରେ ହଠାତ୍ ବାପାଙ୍କ ବେପାରରେ ମାନ୍ଦାବସ୍ଥା ଦେଖାଦେଲା । ସେତେବେଳକୁ ଶୁଭଙ୍କର ଅଙ୍କଲ ଜଣେ ପ୍ରପଟି ଡିଲର ପାଖରେ କାମ କରୁଥିଲେ । ବାପାଙ୍କର ଆର୍ଥିକ ଅବସ୍ଥା ଦୁର୍ବଳ ହେବାରୁ ସେ ଶୁଭଙ୍କର ଅଙ୍କଲଙ୍କ ମାଧ୍ୟମରେ ତାଙ୍କର ଗୋଟେ ପରେ ଗୋଟେ ଜମି ଶାଗ-ମାଛ ମୂଲରେ ବିକି ଚାଲିଲେ । ଶୁଭଙ୍କର ଅଙ୍କଲ ଏବଂ ତାଙ୍କର ଡିଲର ବନ୍ଧୁ କୌଶଳ କରି ଆମ ଘରକୁ ଲାଗିଥିବା ସମସ୍ତ ଚାଷ ଜମିକୁ ହାତ କରିନେଲେ । ଆପଣଙ୍କ ଆଖି ପାଉଥିବା ଯେତେ ସୁରମ୍ୟ ପ୍ରାସାଦ ମାଳା ସବୁ ଦେଖୁଛନ୍ତି, ଏ ସବୁ ଆମ ଜମି ଉପରେ ଗଢିଉଠିଛି । ଦୁଃଖ ଯେତେବେଳେ ଆସେ ଏକା ଆସେନି, ତା ସାଙ୍ଗ ଭାଇମାନଙ୍କୁ ଧରି ଆସେ । ବାପାତ ତାଙ୍କ ବେପାରରେ ଯାହା କ୍ଷତି ସହିଲେ ତା ପରକୁ ଏକ ଅଜଣା ରୋଗରେ ପୀଡିତ ହେଲେ । ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାହେଲା । ଖର୍ଚ୍ଚ ବାବଦରେ ଅତି କମରେ ଦଶ ଲକ୍ଷ ଟଙ୍କା ଲାଗିବ ବୋଲି ଶୁଭଙ୍କର ଅଙ୍କଲ ମୋ ମା'ଙ୍କୁ ଶୁଣେଇଦେଲେ । ସେତେବେଳକୁ ତାଙ୍କ ନଜର ବାକିଥିବା ଆମ ଘର ଏବଂ ଘରକୁ ଲାଗିଥିବା ଜମି ଉପରେ ପଡିଥାଏ । ମୋ ବାପାଙ୍କ ଆଶୁ ଆରୋଗ୍ୟ ପାଇଁ ମୋ ମା ତାଙ୍କ କଥାରେ ରାଜି ହୋଇଗଲେ । ମା କହିଲା - 'ଜୀବନରେ ବଞ୍ଚିଥିଲେ କେତେ ପଇସା ରୋଜଗାର କରିବେ ।' ବାପା ତ ଆଉ ଭଲ ହୋଇ ଘରକୁ ଫେରିଲେ ନାହିଁ ହେଲେ ସେତେବେଳକୁ ଆମେ ଆମ ଘର ଏବଂ ଘରକୁ ଲାଗିଥିବା ବାଡ଼ି ହରେଇ ସାରିଥିଲୁ ଯାହାର ମୂଲ୍ୟ ଏବେ ଆକାଶଛୁଆଁ । ଆମକୁ ଶେଷରେ ଘର ଛାଡିବାକୁ ପଡିଲା । ରାସ୍ତା ସେପଟେ ଯେଉଁ ବସ୍ତି ଦେଖୁଛନ୍ତି ସେଇଠି ଆମେ ଭଡାରେ ରହିଲୁ ।

ବାପା ଗଲା ପରେ ମୋ ମା ଆମ ଭବିଷ୍ୟତ ପାଇଁ ପଦାକୁ ଗୋଡ଼ କାଢିଲା । ଶୁଭଙ୍କର ଅଙ୍କଲଙ୍କ ହୋଟେଲରେ ରିସିପସନିଷ୍ଟ ପୋଷ୍ଟରେ ଯୋଗଦେଲା । କିଛି ଦିନ ପରେ ଦିନେ ହୋଟେଲ ପ୍ରକୋଷ୍ଠରୁ ତାଙ୍କ ଝୁଲନ୍ତା ମୃତ ଦେହ ମିଳିଲା । ତାକୁ ଦେଖି ଆମେ ଭାଇ ଭଉଣୀ ଦୁଇଜଣ କୋହ ସମ୍ଭାଳି ନପାରି ପୋଲିସ ସାମ୍ନାରେ କାନ୍ଦି କାନ୍ଦି ଗଡିଗଲୁ । ସେଥିରେ ପୁଣି ପୋଲିସର ଅନେକ ପ୍ରଶ୍ନର ସାମ୍ନା କରିବାକୁ ପଡିଲା ଯାହାକି ଆମ ପାଇଁ ଅବୁଝା ଥିଲା । ଆମେ କେବଳ ଆତୁର ହୋଇ ଚାହିଁରହିଥିଲୁ ସେମାନଙ୍କୁ । ମା'ର ମର ଶରୀର ପାଖରେ କାନ୍ଦି କାନ୍ଦି ଲୋଟିପଡଥିଲୁ । ଠିକ୍ ସେତିକିବେଳେ ଆମ ପଡିଶା ଘର କୁନିମାଉସୀ ଆମ ଦୁହିଁଙ୍କୁ କୋଳେଇ ନେଲେ । ମୋ ମା ଗଲା ଦିନରୁ ଆମେ ତାଙ୍କରି ଆଶ୍ରିତ । ସେ ହିଁ ବଢେଇଛନ୍ତି ସହାୟତାର ହାତ, ଘୋର ବିପତ୍ତି ବେଳାରେ । ତା ହେଇ ନ ଥିଲେ ଆମେ ହୁଏତ ନଥାନ୍ତୁ । ମା'ର ମୃତ୍ୟୁକୁ ନେଇ ଅନେକ ଲୋକ ଅନେକ କଥା କହିଲେ । ଘଟଣାର ତଦନ୍ତ ହେଲା, କିନ୍ତୁ ଦୋଷୀମାନେ ଧରାପଡ଼ିଲେ ନାହିଁ । ସେଠି ଯେଉଁ କୋର୍ଟ ପିନ୍ଧା ବ୍ୟକ୍ତିଙ୍କୁ ଦେଖୁଛନ୍ତି ସେ ଶୁଭଙ୍କର ଅଙ୍କଲଙ୍କ ସାଙ୍ଗ ପ୍ରପଟି ଡିଲର । ସେ ଦୁଇ ଜଣଙ୍କ ପାଇଁ ଆମେ ଆଜି ସର୍ବହରା । ତାଙ୍କର ଲୋଲୁପ ଦୃଷ୍ଟି କେବଳ ଆମ ଜମି ଉପରେ ପଡ଼ିନଥିଲା ଆମ ମା'ଙ୍କ ଉପରେ ବି ଥିଲା । ଏବେ ମୁଁ ବଡ଼ ହେଲା ପରେ ସେସବୁ ବୁଝୁଛି । ମଣିଷ ଉନ୍ନତିର ପଥରେ ଆଗକୁ ବଢିଲେ ପଛକଥାକୁ ପାସୋରିଦିଏ । କିନ୍ତୁ ମୋ ଜୀବନରେ ଘଟିଥିବା ଦୁର୍ଦ୍ଦିନକୁ ମୁଁ ଆଦୌ ଭୁଲିପାରୁନାହିଁ । ମୁଁ ସେଇଦିନ ଶାନ୍ତି ପାଇବି ଯେଉଁଦିନ ମୁଁ ହରେଇଥିବା ଜମି ଫେରି ପାଇବି । ଆଗକୁ ତହସିଲଦାର ଚାକିରି କରିବା ପାଇଁ ଲକ୍ଷ୍ୟ ରଖିଛି । ସେ ଦିନ ଆଉ ବେଶି ସମୟ ନୁହେଁ । ମତେ ଆଶୀର୍ବାଦ କରନ୍ତୁ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅଗ୍ରସର ହେବି ।

ମୋର ଦୁଇ ହାତ ଆପଣାଛାଏଁ ପିଲାଟିର ମୁଣ୍ଡ ଉପରକୁ ଉଠିଗଲା ।

ତା କଥା ଶୁଣି ମୋ ଭୋକ କୁଆଡେ ଉଭେଇଗଲା । ମୁଁ ତାକୁ ଅନେଇଲି କିଛି ସମୟ । ଏତେ କମ ବୟସରେ ଏତେ ସବୁ ଦୁର୍ଦ୍ଦିନକୁ ସାମ୍ନା କରିଛି ଭାବିଲା ବେଳକୁ ମୋ ମୁଣ୍ଡ ଭାରି ଭାରି ଲାଗିଲା । ପିଲାଟି ଚେୟାରରୁ ଉଠିପଡି ମୋ ହାତକୁ ଖାଦ୍ୟ ପ୍ଲେଟଟି ବଢେଇଦେଲା । ଭୋକ ନାହିଁ କହି ପିଲାଟିକୁ ସେତକ ଖୁଆଇ ଦେଇ ମୁଁ ଚୁପଚାପ ଭୋଜି ଆସରରୁ ବାହାରିଆସିଲି ।

♥ ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ନିଶ୍ୱାସରେ ବିଷ : ଘାତକ ପବନ



## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି ? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି ? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି। କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ନିର୍ଦ୍ଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ୍ୟ ହୋଇପାରେ। ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ୍ୟ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ। ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା। କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ସାଧାରଣତଃ ଶୀତ ଦିନରେ ବାୟୁ ପ୍ରଦୂଷଣ ସ୍ତର ଅଧିକ ରହିଥାଏ। ଦିନକୁ ଦିନ ଗାଡ଼ି ମଟର ଚଳାଚଳ ବଢୁଥିବାରୁ ପ୍ରଦୂଷଣ ବଢୁଛି। ସେହିପରି କଂକ୍ରିଟ ଜଙ୍ଗଲ ବିଶାଳ ମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବାବେଳେ ଗ୍ରାମାଞ୍ଚଳରେ ଓଡ଼ିଶାରେ ଅନେକ ସ୍ଥାନରେ ନଡ଼ାକୁଟା ଆଦି ପୋଡା ହେଉଛି। ପୂର୍ବପରି ଆଉ ସେତେଟା ବୃକ୍ଷରୋପଣ ଦେଖାଯାଉନାହିଁ। ଏପରି ପରିସ୍ଥିତିରେ ଅତ୍ୟଧିକ ବାଣଫୁଟାର ବିଷାକ୍ତ ଧୂଆଁ ବାୟୁର ଅବସ୍ଥାକୁ ପୁରା ବିଗାଡ଼ି ଦେଇଛି। ସମୟ ଆସିଛି ଆମକୁ ଏ ନେଇ ସତର୍କ ଓ ସଚେତନ ହେବା ପାଇଁ ପଡ଼ିବ। ଚଳିତ ବର୍ଷ ଦୀପାବଳିରେ ଚାରିଲକ୍ଷ କୋଟି ଟଙ୍କାର ବାଣ ବେପାର ହୋଇଛି। ବ୍ୟାପକ ସଚେତନତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ, ପ୍ରଶାସନର କଟକଣା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିଷେଧାଦେଶ ଏସବୁ ସତ୍ତ୍ୱେ ଆମ୍ଭେମାନେ ଯଦି ଏହିପରି ଭାବରେ ବାଣ ଫୁଟାଇବା ଓ ନିଜ ପରିବେଶକୁ ଏବଂ ଆମ ଶ୍ୱାସପ୍ରଶ୍ୱାସର ମୁଖ୍ୟ ଅବଲମ୍ବନ ଅମ୍ଳଜାନର ମାତ୍ରାକୁ ବିଷାକ୍ତ କରିବା ତାହାହେଲେ ଏଥିରୁ ଆମ୍ଭମାନଙ୍କୁ କେହି ରକ୍ଷା କରିପାରିବେ ବୋଲି ଭାବିବା ନିରର୍ଥକ। ବୃକ୍ଷରୋପଣ ଯଥେଷ୍ଟ ହେଉନାହିଁ। ପୂର୍ବରୁ ପରିବେଶ ମଧ୍ୟ ସ୍ୱାଭାବିକ ଭାବେ ଅଙ୍ଗାରକାମ୍ଳ ମାତ୍ରାରୁ ବିଷାକ୍ତରୁ ଆହୁରି ବିଷାକ୍ତମୟ ହୋଇଚାଲିଛି। ଗାଡ଼ି ମଟରର ବ୍ୟବହାର ମାତ୍ରାଧିକ ହେଉଥିବାବେଳେ ଦିନକୁ ଦିନ ବଡ଼ ବଡ଼ କଂକ୍ରିଟ ଜଙ୍ଗଲ ମାଡ଼ି ଚାଲିଛି। ନଡ଼ାପୋଡା, ଇଟା ତିଆରି ଏବଂ ଅନେକ ଶିଳ୍ପ ଅନୁଷ୍ଠାନର ଧୂଆଁର ବିଷ ପ୍ରଦୂଷଣ ଆମ ଶ୍ୱାସପ୍ରଶ୍ୱାସର ଅଶ୍ୱସ୍ତିକର ଅବସ୍ଥାକୁ ଆହୁରି ଜଟିଳ କରିଦେଉଛି। ଏପରି ସମୟରେ ନିଜେ ନିଜ ବିବେକକୁ ପଚାରି ଏବଂ ନିଜେ ପ୍ରତି ଦିନ କିଛି ବିଷ କଣିକା ଶ୍ୱାସପ୍ରଶ୍ୱାସରେ ଶରୀର ଭିତରକୁ ନେଇ ନିଜକୁ ଅଳ୍ପାୟୁଷ କରୁଥିବାବେଳେ ଆମ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଆମେ ଏବେ ଠାରୁ କଣ କରୁଛେ ନିଜକୁ ଟିକେ ସ୍ଥିର ଚିତ୍ତରେ ପଚାରି ଏହାର ନିରାକରଣ ପାଇଁ ବାଟ ବାହାରିବା କଥା....... ଏ ଦାୟିତ୍ୱ ସୁପ୍ରିମକୋର୍ଟ କିମ୍ବା ପ୍ରଶାସନର ଆଦୌ ନୁହେଁ।


♥ ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

ପଢ଼ିବା ପରେ

# ପ୍ରଣୟର ଉଚ୍ଛ୍ୱାସ : ଫେରେଇଦିଅ ମୋର ସବୁ ଶବ୍ଦ



ବିପ୍ଳବ




କବି କିଶୋର ମିଶ୍ର ଆମ ସମୟର ଜଣେ ନିଆରା କାବ୍ୟ ଶିଳ୍ପୀ । ଦୀର୍ଘ ପାଞ୍ଚ ଦଶନ୍ଧି ଧରି କବିତାକୁ ନେଇ ତାଙ୍କ ଲେଖନୀ ଚଳ ଚଞ୍ଚଳ । ପ୍ରେମକୁ ନେଇ ତାଙ୍କର ପରୀକ୍ଷା ନିରୀକ୍ଷା ଏବେ ବି ଶେଷ ହୋଇ ଯାଇନି । ସେଥିପାଇଁ ତାଙ୍କ କବିତା ସଂକଳନ ଗୁଡ଼ିକର ନାଁ ପ୍ରେମ ପ୍ରେମ ବାସେ, ଏଇ ଯେମିତି ପ୍ରମଦା, ଅମୃତ ଅଭିସାର, ମିତଣୀ, ତୁମ ପରି କେହି ଜଣେ, ବର୍ଷାରେ ସୁକେଶିନୀ । ମୋ ହାତରେ ଏବେ ତାଙ୍କର 'ଫେରେଇଦିଅ ମୋର ସବୁ ଶବ୍ଦ' ଯାହାର ପ୍ରକାଶକ ବାଲେଶ୍ୱରର ସୁବର୍ଣ୍ଣଶ୍ରୀ ପ୍ରକାଶନୀ । ଅଧିକାଂଶ କବିତାର ପ୍ରଣୟର ଉଚ୍ଛ୍ୱାସ ପାଠକକୁ ଭିନ୍ନ ଦୁନିଆକୁ ଭସେଇ ନେବ ।

ପ୍ରଣୟ ବିଭୋର କବି କେବେ କେବେ ପ୍ରେମିକାର ସ୍ତନାଗ୍ରର କଳାଜାଇକୁ ହିଁ ଜହ୍ନ ଭାବିଥାନ୍ତି, ପ୍ରେମିକାର ହୃଦୟ ତଳଲେଇବାକୁ ହାଡ଼କୁ ବଂଶୀ କରି ବଜେଇଥାନ୍ତି, କେବେ ପୁଣି ମରିବା ଆଗରୁ ପ୍ରେମିକା ଓଠର ଉତ୍ତପ୍ତ ଚୁମାଟିଏର ପ୍ରତୀକ୍ଷାରେ ଥାନ୍ତି ।

ତୁମେ ମୋର ବିଭକ୍ତ ପ୍ରେମର ଚନ୍ଦ୍ରରାଗ/ ମୋତେ ହିଁ ବାରମ୍ବାର ଗଢୁଥାଅ / ପୁଣି ଭାଙ୍ଗୁଥାଅ / ତୁମ ଶ୍ୟାମଳ ଅଥୟତାରେ

(ଜହ୍ନରାତି, ପୃ : ୫୭)

ଶୀତକୁ ନେଇ ଏଥିରେ ତିନୋଟି କବିତା ଅଛି । ଶୀତ ମାଟିକୁ ଛୁଇଁଲେ ମନେ ପଡ଼େ ଫୁଲବାଣୀ, ମନେ ପଡ଼େ ସିପ୍ରା ଦାସ ଆଉ ମନେ ପଡ଼ନ୍ତି କବି କିଶୋର ମିଶ୍ର । ଅବଶ୍ୟ ଏବେ ସେ ଗାଢ଼ ଶୀତ ନାହିଁ, ନାହିଁ ବି କୁଟା ଜାଳି ନିଆଁ ପୋଇଁବାର ଦୃଶ୍ୟ, ତଥାପି ସିପ୍ରା ଦାସ ପ୍ରେମିକାଟିଏ ସାଜି କାହା ପ୍ରତୀକ୍ଷାରେ ଥାଏ ।

ଫୁଲବାଣୀ ଆଉ ଆଗପରି ନାହିଁ ଶୀତରେ/ ବେଶ୍ ବଦଳିଛି ତା'ର ରୂପ ରଙ୍ଗ/ ତଥାପି ସାଲୁଙ୍କି ଶାଳବଣ ଭିତରୁ ଭିତରୁ / ସିପ୍ରାଦାସର ଆଖି ଏବେ ବି କାହାକୁ ଖୋଜେ / ଶୀତ ସନ୍ଧ୍ୟା କିନ୍ତୁ ନିରୁତ୍ତର ରୁହେ

(ଶୀତ ସନ୍ଧ୍ୟା, ସିପ୍ରାଦାସ ଓ ଫୁଲବାଣୀ, ପୃ : ୭୧)

ସଂକଳନର ପ୍ରଥମ କବିତା ଖୁବ୍ ଚମତ୍କାର । ପ୍ରେମରେ ଓଦା ସର ସର ତୁମ ଓଠ ହିଁ ଏକ ମହୁଘରା / ସୋରିଷ ଫୁଲର କ୍ଷେତ ପରି /ଲହଡି ଭାଙ୍ଗୁଛି ଦେହ / ଓ ମୁଁ ଅନିଦ୍ରା ରାତି ସାରା


(ମାୟାଧାର, ପୃ : ୯)

ଶ୍ରାବଣ ବର୍ଷା ଠୁଁ ପ୍ରେମର ବର୍ଷାରେ ଭିଜିବାର ଅନୁଭବ ଖୁବ୍ ଭୟଙ୍କର । ସେ ଭିଜାଏ ଅଳ୍ପ, ସିଝାଏ ବେଶୀ, ମଜାଏ ଅଳ୍ପ ହଜାଏ ବେଶୀ

ଶିରା ଶିରା ବେପଥୁ ଓ ମାଦକତା/ ପ୍ରତ୍ୟେକ ପାଣି ଟୋପାରେ/ ଜାଗେ ଗୋଟିଏ ନୀଳବୃକ୍ଷ) ଆକାଶକୁ ଭେଦେ/ ଅନିର୍ବଚନୀୟ ସୁଖ ଲୋଟିପଡେ/ ଗହମ ନିଦରେ ( ବର୍ଷା, ପୃ: ୨୬)

ତାଙ୍କ କବିତା ଖାଲି ପ୍ରେମ, ବିରହର କଥା କହେନି । ବ୍ୟଥା, ବେଦନା ଆଉ ଲୁହର କଥା ବି କହେ । ବହିର ଶୀର୍ଷକ କବିତା ଅନ୍ୟତମ ଶକ୍ତିଶାଳୀ କବିତା । ଏ କବିତାଟି ଲେଖିଲା ବେଳେ କବି ବେଶ୍ ସତର୍କ ହୋଇ ଉଠିଛନ୍ତି ଆଉ ପୁଣି ଥରେ ସମାଜ ପ୍ରତି ଥିବା କର୍ତ୍ତବ୍ୟ ଆଉ ଦାୟିତ୍ୱକୁ ଦୋହରେଇଛନ୍ତି ।

ଫେରେଇଦିଅ ମୋର ସବୁ ଶବ୍ଦ/ ତାହା ଯଦି ବସ୍ତ୍ର ହୋଇ ଢାଙ୍କି ପାରିନି/ ଧର୍ଷିତାର ଉଲଗ୍ନ ଦେହ/ ପାପୁଲି ହୋଇ ପୋଛି ପାରିନି କାହା/ ଆଖି ଲୁହ/ ଶୀତଳ ପବନ ହୋଇ ଉଠେଇ ପାରିନି/ ତୁମକୁ ସୁଷୁପ୍ତିରୁ..( ଫେରେଇଦିଅ ମୋର ସବୁ ଶବ୍ଦ, ପୃ :୩୯)



ବର୍ଷାରେ ଭିଜୁଥିବା ପ୍ରେମିକା, ନଈରେ ଦେହ ଧୋଉଥିବା ପ୍ରେମିକା ପାଣିକୁ ନେଇ କେତେ ଆହ୍ଲାଦିତ ହୁଅନ୍ତି ମାତ୍ର କବିଟିଏ ସେଇ ସବୁ ସୁଖାନୁଭବରୁ ବଞ୍ଚିତ ହୋଇ ଅନୁଭବୁ ଥାଏ କ୍ଷତ ।

ସବୁ ନଦୀ ଶିବଙ୍କ ଜଟାରୁ ଆସେ ନାହିଁ/ କିଛି ଆସେ ମଣିଷର କ୍ଷତ ଓ ଦୁଃଖରୁ/ ଯା'ର ତୁଠ ପଥରରେ କବିତା/ ବେଳେବେଳେ ପାଦ ମାଜେ ଓ ଦେହକୁ ପଖାଳେ ।

( ମୋତେ ନଇକୁ ଯିବାକୁ ମନା, ପୃ : ୬୪)


ଅଧିକାଂଶ କବିତାରେ କବିଙ୍କ ଗଭୀର ଜିବାନୁଭବର ମାର୍ମିକ ଚିତ୍ର ରହିଚି ।

ମାୟାଧାରରୁ ଅଭିସାର ଯାଏଁ ଛତିଶଟି କବିତା କେହି କାହାକୁ କମ୍ ନୁହଁନ୍ତି । ପାଠକ ମାନଙ୍କୁ ବିମଳ ଆନନ୍ଦ ପ୍ରଦାନ କରିବ "ଫେରେଇ ଦିଅ ମୋର ସବୁ ଶବ୍ଦ" ।

+ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ପୂଜା ପତ୍ରିକା ସମୀକ୍ଷା

**ସୃଜନ ସ୍ୱପ୍ନ**
ସମ୍ପାଦକ : ଦେବଶ୍ରୀ ଧଳ
ଠିକଣା : ଏଲ୍ .ବି-୨୨୬, ବରଗଡ ବ୍ରିଟ କଲୋନୀ, ବରଗଡ, ଭୁବନେଶ୍ୱର-୧୮
(ମୋ) ୮୮୯୫୮୨୬୦୨୯
ମୂଲ୍ୟ : ୧୫୦/-




"ବର୍ତ୍ତମାନ ପୃଥିବୀରେ ବସବାସ କରୁଥିବା କୌଣସି ଜାତି ବା ସଂପ୍ରଦାୟର ବ୍ୟକ୍ତି ଗରିବ ନୁହନ୍ତି । ବିଜ୍ଞାନ କାରିଗରି ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ କରି ଯେଉଁ ପ୍ରଚୁର ଅର୍ଥକୁ ମାନବ ସମାଜ ବର୍ତ୍ତମାନ କରାୟତ କରୁଛି, ତାହାର ସିଂହଭାଗ କେବଳ ତାର ଖାଦ୍ୟପେୟ, ବସ୍ତ୍ରବାସ, ଚାକଚକ୍ୟ ବେଶଭୂଷା ଇତ୍ୟାଦିରେ ବ୍ୟୟ କରି ପ୍ରତିଯୋଗିତା ମୂଳକ ସମାଜରେ ନିଜକୁ ଉପସ୍ଥାପିତ କରୁଛି । ମାତ୍ର ନିଜସ୍ୱ ଜ୍ଞାନ, ବୁଦ୍ଧି, ବିବେକର ଆଂଶିକ ବ୍ୟବହାର ନକରି ନିଜ ଅତୀତ ଓ ଇତିହାସକୁ କାହିଁ କେତେଦୂରରେ ଛାଡି ଆସିଲାଣି ତାର ଇୟତ୍ତା ନାହିଁ । ସଂପ୍ରତି ଭୌତିକ ବିଳାସରେ ମତ୍ତ ହୋଇ ଯୁବକ ଯୁବତୀମାନେ ଗୋଟାଏ ଅମୂଳକ ଭ୍ରାନ୍ତ ପୃଥିବୀର ଚିତ୍ରକୁ ଆପଣେଇବାରେ ଲାଗିଛନ୍ତି । ଯେଉଁଥିରେ ଜୀବନ, ଧନ ଜନ ଓ ଯୌନ ଉଚ୍ଛୃଙ୍ଖଳତାର ମଂଜିକୁ ସେମାନେ ବ୍ୟାପକ ଭାବେ ବୁଣି ଚାଲିଛନ୍ତି ଯାହାର ଛାୟା ଦିନେ ପ୍ରତିଟି ସଂସ୍କୃତିର ମୂଳୋତ୍ପାଟନ କରିଦେବାର ଆଶଙ୍କା ଆସେ' ଭଳି ଗୁରୁତ୍ୱପୂର୍ଣ୍ଣ କଥାକୁ 'ଜଗତ ଓ ସାହିତ୍ୟ' ଶୀର୍ଷକରେ ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶ କରିଛନ୍ତି ସୃଜନ ସ୍ୱପ୍ନର ସମ୍ପାଦିକ ଶ୍ରୀମତୀ ଦେବଶ୍ରୀ ଧଳ ।

୨୨୦ ପୃଷ୍ଠାର ଏହି ପତ୍ରିକାଟିର ଆରମ୍ଭରେ ଶକ୍ତି ଉପାସନାକୁ ନେଇ ବିଜୟ କୁମାର ବହଳୀ ଓ ଜଗନ୍ନାଥ ଚେତନାରେ ଶକ୍ତି ଆରାଧନାକୁ ନେଇ ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଚ୍ଛି ଦୁଇଟି ଉପାଦେୟ ପ୍ରବନ୍ଧ ଲେଖିଥିବା ବେଳେ ସୃଜନ ସ୍ମୃତି ଅନୁଭୂତି ଶୀର୍ଷକରେ ଗାଁକୁ ନେଇ ଡ. ଦୁର୍ବାଦଳ ମେହେରଙ୍କ ସାକ୍ଷାତକାର ଆଲେଖ୍ୟଟି ବେଶ୍ ହୃଦୟଗ୍ରାହୀ ହୋଇଛି ।

କାବ୍ୟ ସୃଜନରେ ହରିହର ମିଶ୍ର, ଡ. ହିମାଂଶୁ ପଟ୍ଟନାୟକ, ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ଗିରିଜା ଶର୍ମା, ସଂଯୁକ୍ତା ମହାନ୍ତି, ଡ. କଳ୍ପନା ମହାନ୍ତି, ଶ୍ରୀହରି ଧଳ, ସୁଧାଂଶୁ ଅଶୋକ, ନରହରି ମିଶ୍ର, ସତ୍ୟ ନାରାୟଣ ସାହୁ, ବିଷ୍ଣୁପ୍ରିୟା ଓତା, ସନ୍ତୋଷ ଦେବତା, ଲତିକା ମହାପାତ୍ର, ସିଦ୍ଧେଶ୍ୱର ପଣ୍ଡା, ଶୁଭନାରାୟଣ ସ୍ୱାଇଁ, ଆନନ୍ଦ ମାଇତି, ଅରୁଣ କୁମାର ସାହୁ, ବାବାଜୀ ଚରଣ ଜେନା, ବିନୋଦ, ବିପିନ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ୮୦ଜଣ କବିଙ୍କ କବିତା ଓ ଗୀତିକବିତା ସ୍ଥାନିତ ହୋଇଥିବା ବେଳେ କଥା ସୃଜନରେ ଦେଶବନ୍ଧୁ ସ୍ୱାଇଁ, ନିରଞ୍ଜନ ସାହୁ,ରମେଶ ପଟ୍ଟନାୟକ, ବିବିଧ ବିଶ୍ୱ, ବୀରେଶ୍ୱର ମହାନ୍ତି,ରାଜୀବ ଗୋପାଳ ସ୍ୱାଇଁ, ପ୍ରତିଭା ପରିଡା, ଜନ୍ମେଜୟ ବାବୁ ପ୍ରମୁଖଙ୍କ ୨୨ଟି ଗଳ୍ପ ସ୍ଥାନିତ ହୋଇଛି । ଏଥିସହିତ ସୃଜନ ସମ୍ଭାରରେ ରାଜକିଶୋର ମହାପାତ୍ର, ହୀରାବତୀ ବିଶ୍ୱାଳ, କାଳିଆ ସେଠୀ, ଡ. ନିବେଦିତା ମହାନ୍ତି, ଡ. ଦେବାଶୀଷ ପାତ୍ର, ପ୍ରମୁଖଙ୍କ୨୨ଟି ପ୍ରବନ୍ଧ ଓ ଅନୁସୃଜନରେ ଶ୍ରୀମତୀ ଶାରଦା ରଥ, ଆର୍ଯ୍ୟକୁମାରୀ ଇରା ଦ୍ୱପାନିତା ସଂଶପ୍ତିକା, କନକ ମଂଜରୀ ସାହୁ, ନଗେନ୍ଦ୍ରନାଥ ପଟ୍ଟନାୟକ, ସ୍ନେହଲତା ପଟ୍ଟନାୟକ ପ୍ରମୁଖଙ୍କ ୫ଟି ଅନୁବାଦ ଗଳ୍ପକୁ ସ୍ଥାନିତ କରିଛନ୍ତି ସଂପାଦିକା । ସୃଜନ ସମୀକ୍ଷା ଓ ଆଲୋଚନା ସ୍ତମ୍ଭରେ ହରିପ୍ରସାଦ ମୁଣ୍ଡଙ୍କ ବହୁ ଉପାଦେୟ ଆଲେଖ୍ୟ 'ମରୁଡ଼ି- ୧୯୬୫ ଉପନ୍ୟାସରେ କଛନାମାଲ୍- ଏକ ଅସହା ପୃଥିବୀର ପରିକ୍ରମା' ଟି 'ସୃଜନ ସ୍ୱପ୍ନ'ର ମହତ୍ୱ ପ୍ରତିପାଦିତ କରିବାରେ ସହାୟକ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ପ୍ରତ୍ୟେକ ସଂଖ୍ୟା ପରି ଏହି ସଂଖ୍ୟାଟି ମଧ ସୁସମ୍ପାଦନା ଦୃଷ୍ଟିରୁ ବେଶ୍ ରୁଚିସମ୍ପନ୍ନ ହେବା ସହ ପାଠକାଦୃତ ହେବାର ଦାବି ରଖେ ।

♥ ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

୩ ସୃଜନ ଆଳାପ....

# ଭାଷା ପ୍ରତି ନିଜ ଭିତରେ ଚେତନାର ଏକ ଉତ୍ତରଣ ଆବଶ୍ୟକ : ଦେବଯାନୀ ଦାସ

ଦେବଯାନୀ ଦାସ ଓଡଆ ସାହିତ୍ୟ ଜଗତରେ ଗୋଟେ ପରିଚିତ ନାଁ । ଗଳ୍ପ ଲିଖନ ତାଙ୍କର ମୁଖ୍ୟ ସ୍ୱର ହୋଇଥିଲେ ମଧ ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ ତାଙ୍କ ଲେଖନୀ ଚଳଚଞ୍ଚଳ । ଜୀବନ ଓ ଜିଜୀବିଷା ଯେତେବେଳେ ଯେଉଁ ମାର୍ଗ ଦର୍ଶାଏ, ତଦନୁସାରେ ସେ ବଦଳାନ୍ତି ତାଙ୍କ ସର୍ଜନାର ସୂତ୍ର । ଗଳ୍ପ, କବିତା, ଉପନ୍ୟାସ ଓ ଫିଚର୍ସ, ଅନୁବାଦ ସାଙ୍ଗକୁ ଆଧାତ୍ମିକ, ଐତିହାସିକ, ବିଜ୍ଞାନ ଭିତ୍ତିକ ନିବନ୍ଧ ତଥା ନାନା ପ୍ରକାର ନୂଆ ନୂଆ ଲେଖା ତାଙ୍କ ଲେଖନୀର ବିବିଧତା । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ




ସ୍ୱାମୀ ଦିଲ୍ଲୀପ ଓ କନ୍ୟା ଅୟେନାଙ୍କିତାଙ୍କ ସହ ଲେଖିକା ଦେବଯାନୀ..

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଯେତେବେଳେ ସାହିତ୍ୟର ପ୍ରକୃତ ସଂଜ୍ଞା କଣ ଜାଣି ନଥିଲି, କବି ବା ଗାଳ୍ପିକ ଏମାନଙ୍କୁ ଜାଣି ନ ଥିଲି, ପତ୍ରପତ୍ରିକା ପ୍ରକାଶ ପାଏ ବୋଲି ବି ଜଣା ନଥିଲା, ମୋର ପଞ୍ଚମ ଷଷ୍ଠ ଶ୍ରେଣୀ ପଢୁଥିବା ସମୟରୁ ପଦ ପକେଇ ଭଜନ ଓ ପ୍ରାର୍ଥନା ବିଭିନ୍ନ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଲେଖୁଥିଲି । ଆଉ ତାକୁ ସ୍ୱର ଦେଇ ନିଜେ ବୋଲୁଥିଲି ବି । ମାଆ, ବାପା, ପ୍ରକୃତି ଏମାନେ ମଧ ବିଷୟବସ୍ତୁ ଥିଲେ ମୋ ଲେଖାରେ । ରଫ୍ ଖାତାର ପଛପଟେ କିଛି କିଛି ଲେଖି ଯାଉଥିଲି । ତେବେ ଯଦି ସୃଜନର ଆଦ୍ୟ ସ୍ଫୁରଣ ଭାବନା ମନକୁ ଆସିବ ତ ଗୋଟେ ଇଚ୍ଛାକୁ ନିଆ ଯାଇପାରେ । ମୋର ସାନ କକା, ଯିଏ କି ସେତେବେଳେ ଦଶମ ଶ୍ରେଣୀରେ ପଢୁଥିଲେ, ସେ ଲେଖାଲେଖି କରୁଥିଲେ । ଥରେ ତାଙ୍କ ଲିଖିତ ଏକାଙ୍କିକାଟିଏ ତାଙ୍କ ସ୍କୁଲରେ ଅଭିନୀତ ହେଇଥିଲା । ସେ ସମୟରେ ଆମ ସ୍କୁଲରେ ବି ଅଗଷ୍ଟ ପନ୍ଦର ଓ ଜାନୁଆରୀ ଛବିଶରେ ଆମେ ସାମାଜିକ ସନ୍ଦେଶ ବହନ କରିଥିବା ଛୋଟ ନାଟକଟିଏ ଅଭିନୟ କରୁଥିଲୁ । ମୁଁ କହିବାରୁ କକା ମୋ ପାଇଁ ଲେଖାଟିଏ ଲେଖିଦେଲେ ଓ ଆମ ପ୍ରଧାନଶିକ୍ଷୟିତ୍ରୀ ତାକୁ ଦେଖି ଖୁବ୍ ପ୍ରଶଂସା କଲେ, ସେଥିରେ ମୋ ସହ ମୋ ସାଙ୍ଗମାନେ ଅଭିନୟ କଲୁ । କକା ଲେଖୁଛନ୍ତି, ମୁଁ ବି ଲେଖିବି ସେ ସମୟରେ ଏମିତି ଏକ ତୀବ୍ର ଭାବନା ମୋ ଭିତରେ ଆସିଥିଲା ଓ ତାପରେ ମୋ ଲିଖିତ ଦୁଇଟି ଛୋଟ ନାଟକ ସ୍କୁଲରେ ଅଭିନୀତ ହେଇଥିଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ?

■■ ମୋର ସାରସ୍ୱତ ପ୍ରେରଣା ହେଉଛି ମୋ ନିଜର ଅର୍ନ୍ତଚେତନା, ମୋ ଅନ୍ତରାତ୍ମାର ଡାକ । କିଛି ପ୍ରକାଶ କରିବାକୁ ଚାହିଁ ସ୍ଥୂଳ ଭାବେ ପ୍ରକାଶ କରି ପାରୁ ନ ଥିବାର ବିବଶତା, ଯେ କୌଣସି 'କୁ' ବିରୋଧରେ ମୋ ଭିତରେ ଥିବା ବିଦ୍ରୋହାତ୍ମକ ଇଚ୍ଛା, ଏ ସୃଷ୍ଟିର ରହସ୍ୟ ଜାଣିବାର ଜିଜ୍ଞାସା ଓ ଏକ ବେସାର୍ଲି ସ ସତ୍ତା ।

■ ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆଦ୍ୟଗୁରୁ ଭାବେ ମୁଁ ପ୍ରତିଭା ରାୟଙ୍କୁ ସ୍ମରଣ କରିବି କାରଣ ସାହିତ୍ୟର ବହି ଭାବେ ମୁଁ ପ୍ରଥମେ ତାଙ୍କରି ଉପନ୍ୟାସ ପଢ଼ିଥିଲି । ମୁଁ ଯେତେବଳେ ରାଧାନାଥ ପାଠାଗାର ସୋରୋ, ସଂସ୍ପର୍ଶରେ ଆସିଲି, ସେଠୁ ପ୍ରଥମେ ଯେଉଁ ବହି ଆଣି ପଢିଲି ତାହା ଥିଲା ପ୍ରତିଭା ରାୟଙ୍କ ଉପନ୍ୟାସ । ତେର ବର୍ଷ ବୟସ ସେତେବେଳେ ମୋର, କେତେ କଣ ବୁଝୁଥିଲି ମନେ ପଡୁନି କିନ୍ତୁ ସେ ଲେଖାର ମହକ ମୋତେ ଏମିତି ଆଚ୍ଛାଦିତ କରୁଥିଲା ଯେ ମୁଁ ବିମୋହିତ ହେଇ ଯାଉଥିଲି । ତାପରେ ମୁଁ ଯେତେବେଳେ ଗପ ଲେଖିଲି ସେଇ ଗଭୀର ଅନୁଭବର ଆଭାସବୋଧ ମୋର କିଛି କିଛି ଗପରେ ପଡ଼ି ଯାଇଥାଇ ପାରେ ସେଇ ସମୟରେ । କାରଣ ଯେତେବେଳେ ଲଗାତାର ମୋର ଗଳ୍ପ ଓଡ଼ିଶାର ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା ଅନେକ ପାଠକଙ୍କ ପାଖରୁ ଚିଠି ପାଇଛି, ଓଡ଼ିଶାରେ ଦ୍ୱିତୀୟ ପ୍ରତିଭା ରାୟ ହେବେ ଆପଣ । ବିଶେଷ କରି ୧୯୯୭ ରେ 'ପ୍ରତିବେଶୀ'ରେ ପ୍ରକାଶ ପାଇଥିବା ଗୋଟେ ଗଳ୍ପ 'ଅଥଚ ଶୁଖିନି ପ୍ରୀତିର ଫଲଗୁ' ଓ ସମାଜ ସାହିତ୍ୟପୃଷ୍ଠାରେ ପ୍ରକାଶ ପାଇଥିବା ଗପ 'ସ୍ପର୍ଶ' ପାଇଁ ଏଇ ଧରଣର ଚିଠି ମୁଁ ଅନେକ ପାଇଛି । ପାଠକଙ୍କ ମତ ଥାଏ....ଗପଟି ପଢୁଥିବା ସମୟରେ ଲାଗୁଥିଲା ଯେମିତି ମୁଁ ପ୍ରତିଭା ରାୟଙ୍କୁ ପଢୁଛି ।

■ କୁହାଯାଏ ଇଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହେଇ ପାରେନା । ଆପଣ ଏ ସଂପର୍କରେ କଣ ମତ ରଖିବେ ?

■■ ମୋ କ୍ଷେତ୍ରରେ ଏହା ହିଁ ସତ୍ୟ । ମୋତେ ସବୁବେଳେ ଏମିତି ଲାଗେ ଯେ କୌଣସି ଏକ ଦୈବୀସତ୍ତା ମୋ ଦ୍ୱାରା ଲେଖେଇ ନଉଛି । ସୃଜନ ପ୍ରତିଭା ହେଉଛି ସମ୍ପୂର୍ଣ୍ଣ ଭାବେ ଈଶ୍ୱର ଦତ୍ତ ପ୍ରତିଭା । କେହି କେବେ ଇଚ୍ଛା କରି ବା ଚେଷ୍ଟା କରି ପ୍ରକୃତ କବି ବା ଲେଖକ ହେଇ ପାରି ନଥାଏ ।

■ ଆଜି ଲେଖକ ଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବହୁ ଅଧିକ ହୋଇଥିବା ବେଳେ କାଳଜୟୀ ଲେଖାଟିଏ ଆଖିରେ ପଡୁନାହିଁ କାହିଁକି ?

■■ ଲେଖକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ଅଧିକ ହୋଇଛି କାରଣ ଆମ ସମୟରେ ନିଜକୁ ପ୍ରକାଶିତ କରିବାର ମାଧ୍ୟମ ଅପେକ୍ଷା ଏବେ ଅନେକ କିଛି ମାଧ୍ୟମ ଉପଲବ୍ଧ ହେଉଛି । ସୋସିଆଲ ମିଡ଼ିଆ ଏମିତି ଏକ ପ୍ଲାଟଫର୍ମ, ତା ସହ କେତେ କେତେ ଚ୍ୟାନେଲ । କିନ୍ତୁ କାଳଜୟୀ ଲେଖାଟିଏ ଆଖିରେ ପଡୁ ନାହିଁ । ତାର କାରଣ ତ ଅନେକ । ଅନେକ ନାମ ଗୋଟେଇବାରେ ବ୍ୟସ୍ତ । କଣ ଟିକେ ଲେଖି ବହି ଛପେଇବା, ତାକୁ ମହା ଆଡମ୍ବରରେ ଉନ୍ମୋଚନ କରିବା ଏସବୁ ପାଇଁ ବ୍ୟଗ୍ର ଅନେକ । ନିଷ୍ଠା ଓ ପ୍ରତିବଦ୍ଧତା ସହ ଲେଖକୀୟ ସତ୍ତାକୁ ସ୍ୱୀକାରୋକ୍ତି ଦେବାର ଧୈର୍ଯ୍ୟ ନାହିଁ । ପୁଣି ହୁଏତ ସେମିତି ଲେଖା, ଲେଖା ହେଉଥାଇ ପାରେ କିନ୍ତୁ ଆଖିରେ ପଡୁ ନ ଥାଇ ପାରେ । କାରଣ ସବୁ ଲେଖା ପଢା ଯାଉ ନାହିଁ, ଅର୍ଥାତ୍ ପଢା ଯାଇ ପାରୁନାହିଁ । ନିଜ ନିଜ ଜୀବନରେ ସମସ୍ତେ ଏତେ ବ୍ୟସ୍ତ ଯେ ସମସ୍ତଙ୍କୁ ପଢ଼ିବା ସମ୍ଭବ ହେଉନାହିଁ । ପୁଣି କାହାକୁ କାହାର ଲେଖାଟିଏ ଯଦି ବି ଖୁବ୍ ଭଲ ଲାଗୁଛି କିନ୍ତୁ ନିଜ ନିଜ ଭିତରେ ଅସହିଷ୍ଣୁପଣ ଏତେ ଯେ ସେ ଲେଖା କଥା ଅନ୍ୟ ସାମ୍ନାରେ ସେ ପ୍ରକାଶ କରୁନାହିଁ । ଗୋଟେ ଭଲ ଲେଖା ସମ୍ପର୍କରେ ଆଲୋଚନା ହେଲେ ସିନା ତାହା ପ୍ରସାରିତ ହେବ ବା ତାର ନିର୍ଯ୍ୟାସ ବାହାରିବ ।

■ ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ଗଳ୍ପ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ନା, ଗଳ୍ପ କବିତାକୁ ଆଧାର କରି ମାତୃଭାଷାର ସଙ୍କଟରୁ ମୁକ୍ତି ପାଇ ହେବ ନାହିଁ । ଗଳ୍ପ କବିତା ହେଉଛି କେବଳ ତାତ୍ତ୍ୱିକ, ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷା ପ୍ରତି ସଚେତନ ରହି ନିଜ ଜୀବନରେ ପ୍ରାୟୋଗ କରି ନାହାନ୍ତି ସେ ଯାଏଁ ମାତୃଭାଷା ଏମିତି ସଙ୍କଟରେ ରହିବ । ଭାଷା ପ୍ରତି ନିଜ ଭିତରେ ଚେତନାର ଏକ ଉତ୍ତରଣ ଆବଶ୍ୟକ । ତତ୍‌ସହିତ ସରକାରଙ୍କର ସହଯୋଗ ମଧ ଆବଶ୍ୟକ । ଏବେ ଅନୁଷ୍ଠାନମାନଙ୍କରେ ନାମ ଫଳକ ସବୁ ଓଡ଼ିଆରେ ଲେଖିବାର ନିର୍ଦ୍ଦେଶଟି ଆମ ଭାଷା ପ୍ରତି ସବୁଜ ସଂକେତ । ସେମିତି ବିଜ୍ଞାନ ବିଭାଗର ବିଷୟ ଗୁଡିକରେ ପୁସ୍ତକ ସବୁ ଓଡ଼ିଆରେ ମୁଦ୍ରିତ ହେବା ଆବଶ୍ୟକ ଯେମିତିକି ଅନ୍ୟ ରାଜ୍ୟ ସରକାର ତାଙ୍କ ମାତୃଭାଷାରେ ବିଜ୍ଞାନ ବିଭାଗର ପୁସ୍ତକ ଉପଲବ୍ଧ କରୁଛନ୍ତି ।

■ ଲେଖକଟିଏ ତା ଲେଖାରେ କାହାର ମାନସିକତାର ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ ହଁ, ଆଶାବାଦୀ । Pen is mighter than gun । ଲେଖକ ଯଦି ଚାହିଁବ ଯେ ତା ଲେଖା ଦ୍ୱାରା ଲୋକଙ୍କ ମାନସିକତାର ପରିବର୍ତନ ଘଟୁ ତେବେ ଏ ନେଇ ତାକୁ ନିଷ୍ଠାର ସହ ସାଧନା କରିବାକୁ ପଡ଼ିବ । ଏ ପାଇଁ ସମୟ ବିନିଯୋଗ କରିବାକୁ ପଡ଼ିବ । ଆଗରୁ ଲୋକଙ୍କ ମଧରେ ଥିବା କେତେ କେତେ ଅନ୍ଧବିଶ୍ୱାସ ଧୀରେ ଧୀରେ ବିଭିନ୍ନ ମାଧ୍ୟମରେ ଦୂର ହେଇ ଚାଲିଛି । ଲୋକଙ୍କ ମାନସିକତାକୁ ବଦଳେଇ ସଚେତନତା ପାଇଁ ବିଭିନ୍ନ ପ୍ରକାର ବିଜ୍ଞାପନ, ପଥପ୍ରାନ୍ତ ନାଟକ ଇତ୍ୟାଦି ଅନେକ, କିନ୍ତୁ ସେସବୁର ସ୍କ୍ରିପ୍ଟ ତ ଜଣେ ଲେଖକ ହିଁ ଲେଖିଛି । ପୁଣି ଲେଖାଟିଏ କେଉଁ ସନ୍ଦେଶ ବହନ କରିଛି ଏହା କେତେଦୂର ଯୁକ୍ତିଯୁକ୍ତ ଏ ପାଇଁ ସାହିତ୍ୟର ପାଠକମାନେ ମଧ ସମ୍ବେଦନଶୀଳ ହୃଦୟ ଓ ବିବେଚନା କରିବାର ମନଟିଏ ରଖିବା ଦରକାର । ନିକଟରେ 'ଲାଳସା' ନାମରେ ପଶୁ ହତ୍ୟା ବିରୁଦ୍ଧରେ ମୁଁ ଏକ ଗଳ୍ପ ଲେଖିଥିଲି, ଯାହା 'ସାଗରିକା' ପତ୍ରିକାରେ ପ୍ରକାଶ ପାଇଥିଲା । ସେଥିରେ ସାହିତ୍ୟ ବିଜ୍ଞାନ ମନସ୍ତତ୍ତ୍ୱର ମିଶ୍ରଣ କରି ଗଳ୍ପଟି ଉପସ୍ଥାପନା କରିଥିଲି । ଭଲ ପାଠକୀୟ ପ୍ରତିକ୍ରିୟା ବି ଆସିଥିଲା । କିନ୍ତୁ ଲେଖାଟିଏ ପଢି ଶିହରିତ ହେବା, ଠିକ୍ ବୋଲି କହିବା ଭିନ୍ନ କଥା, ଆଉ ତାକୁ ନିଜ ଜୀବନରେ ଆପଣେଇବା ଭିନ୍ନ କଥା । ଯୋଉ ସାଙ୍ଗଟି ମୋର ଏ ଗପ ତା ଅର୍ନ୍ତଚେତନାକୁ ଦୋହଲେଇ ଦେଲା ବୋଲି ମତ ଦେଇଥିଲା, ସେ ତା ଖୁସିର ଅବସରରେ ମଟନ୍ (ଛେଳି ମାଂସ) ଖାଇବାର ଖୁସିରେ ଉତ୍‌ଫୁଲିତ ହେବାର ଦେଖିଲି ମୁଁ । ପୁଣି ଜଣେ ଯୁବ ପାଠକ (ଛାତ୍ର)ଙ୍କର ମେସେଜ ପାଇଥିଲି ମୁଁ, 'ମାଡ଼ମ, ଆମ ଘରେ ଯେତେବେଳେ ମଟନ ହେଉଛି, ମୋର ଆପଣଙ୍କର ସେଇ ଗପ କଥା ମନେ ପଡୁଛି ଓ ମୁଁ ମାଂସ ଖାଇବା ଛାଡ଼ି ଦେଇଛି ।' ତେଣୁ ଲେଖକ ଯଦି ଚାହୁଁଛି ଲେଖା ମାଧ୍ୟମରେ କାହାର ମାନସିକତାରେ ପରିବର୍ତ୍ତନ ହେଉ, ତେବେ ହତୋତ୍ସାହ ନ ହେଇ ଚେଷ୍ଟା ଜାରି ରଖିବା ଉଚିତ ।

■ ଗଳ୍ପ ପାଇଁ କାହାଣୀ, ଉପସ୍ଥାପନା ନା କଳ୍ପନା କିଏ ବେଶୀ ଗୁରୁତ୍ୱପୂର୍ଣ୍ଣ ?

■■ ତିନୋଟି ଯାକ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ପ୍ରଥମେ କଳ୍ପନା, ତାପରେ କାହାଣୀର ଅବଧାରଣା ଓ ଶେଷରେ ଉପସ୍ଥାପନା ମିଶିଗଲା ପରେ ଲେଖାଟି ସଫଳ ହୁଏ । ତଥାପି କହି ଜାଣିଲେ କଥା ସୁନ୍ଦର ଭଳି ଯେ କୌଣସି କାହାଣୀର ଉପସ୍ଥାପନା ଭଲ ଥିଲେ ତାହା ଭିତରକୁ ଛୁଇଁଯାଏ ଓ କାହାଣୀଟି ଶେଷ ହେବା ଯାଏଁ ପାଠକକୁ ବାନ୍ଧି ରଖେ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶିଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଖୁବ୍ ଆଶାବାଦୀ । ଓଡ଼ିଆ ସାହିତ୍ୟର ସ୍ଥିତି ରହିଛି ଓ ରହିବ ମଧ । ଏବେ ଅନୁବାଦ ସାହିତ୍ୟ ଭିତରକୁ ଅନେକ ଗଳ୍ପ କବିତା ଯିବା ପର ଠାରୁ ଓଡ଼ିଆ ସାହିତ୍ୟ ଆହୁରି ପ୍ରସାରିତ ହେଉଛି । ଅନେକ ପ୍ରତିଭାବାନ ଯୁବପିଢ଼ି ମଧ ଓଡ଼ିଆ ସାହିତ୍ୟକୁ ଆସୁଛନ୍ତି । କିନ୍ତୁ ସାହିତ୍ୟରେ ଗ୍ରୁପିଜିମ୍ ଓ ଅସହଷ୍ଣୁପଣ ଦୂର ହେବା ଦରକାର । ନହେଲେ ପ୍ରକୃତ ପ୍ରତିଭା ଅବହେଳିତ ହେଇଯିବ ଯିଏ କି ସାହିତ୍ୟର ସ୍ଥିତିକୁ ଦୃଢ଼ କରାନ୍ତା । ଓଡ଼ିଆ ସାହିତ୍ୟକୁ ବିଶ୍ୱସ୍ତରରେ ଆଦୃତ କରିବା ପାଇଁ ପ୍ରତ୍ୟକେ ସାହିତ୍ୟିକଙ୍କ ନିକଟରେ ଅନ୍ୟର ପ୍ରତିଭାକୁ ସମ୍ମାନ ଦେବା ଓ ପ୍ରୋତ୍ସାହିତ କରିବାର ସାହସ ରହିବା ଜରୁରୀ । ସମକାଳୀନ କେହି ଯଦି ଜଣେ ଭଲ ଲେଖୁଛି, ଯାହାର କି ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପହଁଚେଇ ଦେବାର କ୍ଷମତା ଅଛି, ସେଠି ଗୋଡ଼ଟଣା ମନୋବୃତ୍ତିକୁ ଛାଡି ତାକୁ ପ୍ରୋତ୍ସାହିତ କରିବାର ଉଦାରତା ଯଦି ଆମ ସାହିତ୍ୟିକ ମାନେ ରଖନ୍ତେ ତେବେ ଓଡ଼ିଆ ସାହିତ୍ୟର ସ୍ଥିତି ଆହୁରି ଦୃଢ଼ ହୁଅନ୍ତା । ତଥାପି କାଳେକାଳେ କିଛି ସତ୍ ସାହିତ୍ୟିକ ଅଛନ୍ତି ଯୋଉମାନେ ନିଜ ଚେତନାରେ ଅତିମାନସକୁ ମନ୍ଥନ କରନ୍ତି । ସେଇମାନଙ୍କ ଉର୍ଜାରେ ଓଡ଼ିଆ ସାହିତ୍ୟ ତିଷ୍ଠିଚି ଆଉ ତିଷ୍ଠି ରହିଥିବ ମଧ ।

■ ଦେବଯାନୀ ଦାସ
ପିତା : ନିତ୍ୟାନନ୍ଦ ଦାସ
ମାତା : ସୁବାସିନୀ ଦାସ
ସ୍ୱାମୀ : ଦିଲ୍ଲୀପ କୁମାର ଦାସ
ଝିଅ : ଅୟେନାଙ୍କିତା ଦାସ
(ମୋ) ୭୯୭୮୮୮୪୧୮୮

**ପ୍ରକାଶିତ ପୁସ୍ତକ**

ଆଲୁଅର ଛାଇ (ଗଳ୍ପ ସଂକଳନ)
ଏବଂ ଇତ୍ୟାଦି ( ଗଳ୍ପ ସଂକଳନ)
ଅଥଚ ଶୁଖିନି ପ୍ରୀତିର ଫଲଗୁ (ଗଳ୍ପ ସଂକଳନ)
ଅପୂର୍ଣ୍ଣ ପୂର୍ଣ୍ଣତା ( ଉପନ୍ୟାସ)
ଦ୍ରୁମ ମହାଦ୍ରୁମ (ବୃକ୍ଷ ସମ୍ପର୍କିତ ପୁସ୍ତକ)
ପଲକର ସ୍ମୃତି ( କବିତା ସଂକଳନ )
ଅମୃତ ପରଶମଣି ଓ କଳ୍ପବୃକ୍ଷ ( ହିନ୍ଦୀରୁ ଅନୁବାଦ ଆଧାତ୍ମିକ ପୁସ୍ତକ)

■ ସାହିତ୍ୟରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ଲେଖକ ଲେଖିକାଙ୍କ ପାଇଁ ପାଠକୀୟ ଆଦୃତି ହିଁ ବଡ ପୁରସ୍କାର । ଅଜଣା ପାଠକଟିଏ ଲେଖାଟିଏ ପଢ଼ି ଯେତେବେଳେ ଲେଖାର ପ୍ରଶଂସା କରି ମତଟିଏ ଦିଏ ସେଇ ହିଁ ଲେଖକ ପାଇଁ ସବୁଠୁ ବଡ ପୁରସ୍କାର ହେଇଥାଏ । ହଁ, ଆନୁଷ୍ଠାନିକ ପୁରସ୍କାର ମଧ ପ୍ରୋତ୍ସାହିତ କରିଥାଏ, କିନ୍ତୁ ପୁରସ୍କାରକୁ ନେଇ ଏବେ ଯେମିତି ପ୍ରିୟାପ୍ରୀତି ଚାଲିଛି ସେମିତି ନହେଉ । ଏଥିପାଇଁ ପୁରସ୍କାର ପାଉଥିବା ବ୍ୟକ୍ତି ଠାରୁ ପୁରସ୍କାର ଦେଉଥିବା ଅନୁଷ୍ଠାନ ବେଶୀ ସଚେତନ ରହିବା ଜରୁରୀ ଓ ନିରପେକ୍ଷତା ଅବଲମ୍ବନ ମଧ ଜରୁରୀ । ଲେଖକର ପରିଚୟ ତା ଚିହ୍ନାମୁହଁ ବା ପଦପଦବୀ ନହେଇ ତା କଲମ ହିଁ ପୁରସ୍କାରର ଆଧାର ହେଉ । ସାହିତ୍ୟ ଯଦି ସ୍ୱଚ୍ଛତାରେ ଓ ପବିତ୍ରତାରେ ରହିବ ତେବେ ପୁରସ୍କାର ପାଉଥିବା ବ୍ୟକ୍ତି, ଦେଉଥିବା ଅନୁଷ୍ଠାନ ଓ ଏହାକୁ ଜାଣୁ ଥିବା ସାହିତ୍ୟ ପରିବାର, ପାଠକ ପରିବାର ସମସ୍ତଙ୍କ ମଧରେ ବାଦ ବିବାଦ ନ ରହି ସ୍ୱଚ୍ଛ ଆନନ୍ଦର ଲହରୀଟିଏ ନିଶ୍ଚୟ ଖେଳିଯିବ । ♥

## ଚେତନାର ଦର୍ପଣ – ୬

# ॥ ମୂର୍ତ୍ତି ପୂଜା ॥



### ♥ ଲଳିତ ମୋହନ ମିଶ୍ର

ଭକ୍ତି ଭାବକୁ ବଢ଼ାଇବା , ଭଗବତ୍-ଭାବ ଜାଗ୍ରତ ତଥା ଭଗବାନଙ୍କୁ ପ୍ରସନ୍ନ କରିବାପାଇଁ ମୂର୍ତ୍ତିପୂଜା କରାଯାଏ । ଆମର ଅନ୍ତଃ କରଣରେ ସାଂସାରିକ ପଦାର୍ଥର ମହତ୍ତ୍ୱ ରହିଛି । ତାକୁ ଦୂର କରିବା ପାଇଁ ଠାକୁରପୂଜା, ଧୂପ ଦୀପ ନୈବେଦ୍ୟ ଅର୍ପଣ, ଭଲ ପୋଷାକ ପିନ୍ଧିବା, ଭୋଗରାଗ କରିବା ଇତ୍ୟାଦି ଅତ୍ୟନ୍ତ ଜରୁରୀ । ମୂର୍ତ୍ତି ପୂଜା କରିବା ଦ୍ୱାରା ଆମର ଦୁଇଟି ଲାଭ ହୋଇଥାଏ – ଭଗବତ୍ ଚିନ୍ତନ ମନନ ଏବଂ ସାଂସାରିକ ଭୋଗ ଲାଳସା ବିଷୟ ପ୍ରତି ଆକର୍ଷଣର ତ୍ୟାଗ । ମନୁଷ୍ୟ ତା ଜୀବନରେ ଗୋଟିଏ ମାର୍ଗ ପ୍ରସ୍ତୁତ କରିବା ଦରକାର – ଭଗବତ୍ ମାର୍ଗ ହେଉ ଅଥବା ସାଧୁସନ୍ଥଙ୍କ ସାନିଧ ଅବା ବାପା ମାଆ ଆଚାର୍ଯ୍ୟଙ୍କ ସେବା । ଏସବୁ କଲେ ଅନିତ୍ୟ ସଂସାରରେ ମନୁଷ୍ୟର ଭୌତିକ ଭାବନାକୁ ହ୍ରାସ କରିବା ସହ ଆଧ୍ୟାତ୍ମିକ ଭାବନା ବଢ଼ିଥାଏ। ଥରେ କିଛି ତୀର୍ଥଯାତ୍ରୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରିକ୍ରମା କରୁଥିଲେ । ସେଠାରେ ଜଣେ ପଣ୍ଡା ଯାତ୍ରୀମାନଙ୍କୁ ମନ୍ଦିର ସହିତ ପରିଚିତ କରାଇ ଶିବଲିଙ୍ଗକୁ ପ୍ରଣାମ କରିବାକୁ କହିଥିଲେ । ଯାତ୍ରୀମାନଙ୍କ ମଧ୍ୟରୁ ଆଧୁନିକ ବିଚାରଧାରାର ଜଣେ ଯୁବକ ଥିଲେ । ସବୁ ଯାଗାରେ ମୁଣ୍ଡିଆ ମାରିବାକୁ ସେ ପସନ୍ଦ କରୁନଥିଲେ । ଏଣୁ ସେ ପୂଜକଙ୍କୁ କହିଲେ – ମହାଶୟ ! ସବୁ ପଥରରେ ମୁଣ୍ଡିଆ ମାରିଲେ ଲାଭ କ'ଣ ? ସେଠାରେ ଜଣେ ସାଧୁ ଠିଆ ହୋଇଥିଲେ । କହିଲେ ଭାଇ ! ତୁମ ଶରୀର ଯେମିତି ରକ୍ତ ମାଂସରେ ଗଠିତ, ସେମିତି ମୂର୍ତ୍ତିରେ ଭଗବାନ ଅଛନ୍ତି । ତୁମ ବୟସ ବହୁତ କମ୍, କିନ୍ତୁ ଏହି ଶିବଲିଙ୍ଗଗୁଡିକ ବହୁ ପୁରାତନ । ଶୁଦ୍ଧତା ଦୃଷ୍ଟିରୁ ଦେଖିଲେ ହାଡ଼ ମାଂସ ଅଶୁଦ୍ଧ କିନ୍ତୁ ପଥର ଶୁଦ୍ଧ। ମଜବୁତ୍ ଦୃଷ୍ଟିରୁ ହାଡ଼ ଠାରୁ ପଥର ଅଧିକ ଶକ୍ତିଶାଳୀ । ପରୀକ୍ଷା କରିବାକୁ ଗଲେ ମୂର୍ତ୍ତିରେ ଯଦି ମୁଣ୍ଡ ମାଡ଼ ହେଲା, ମୁଣ୍ଡ ଫାଟି ଯାଉଛି କିନ୍ତୁ ମୂର୍ତ୍ତି ଅଚଳ ଅବିନଶ୍ୱର ! ତୁମ ଭିତରେ ଅନେକ ଦୁର୍ବଳତା ରହିଛି , କିନ୍ତୁ ମୂର୍ତ୍ତିରେ କୌଣସି ଦୁର୍ବଳତା ନାହିଁ । ମୂର୍ତ୍ତି ସବୁ ଦୃଷ୍ଟିରୁ ଶ୍ରେଷ୍ଠ । ଯେଉଁ ନାମ ଓ ରୂପକୁ ଲୋକମାନେ ସମ୍ମାନ ଦିଅନ୍ତି ସେଥିରେ ଆପଣଙ୍କ ସ୍ୱରୂପ ନୁହେଁ, ଭଗବାନଙ୍କ ସ୍ୱରୂପ ସର୍ବବ୍ୟାପକ; ତେଣୁ ଏହି ମୂର୍ତ୍ତିରେ ଭଗବାନଙ୍କ ରୂପ ଅଛି। ଯଦି ଆମେ ଏହି ମୂର୍ତ୍ତିରେ ଭଗବାନଙ୍କୁ ପୂଜା କରିବା, ତେବେ ଭଗବାନ ପ୍ରସନ୍ନ ହେବେ । ଯେତେ ଭଗବାନଙ୍କୁ ପୂଜା କରିବା ସେତେ ଭଗବାନ ଖୁସି ହେବେ । ତେଣୁ ବିଶ୍ୱାସୀ ବ୍ୟକ୍ତି ଦ୍ୱାରା ମୂର୍ତ୍ତି ପୂଜା କରାଯାଏ । କିପରି ? ଯିଏ ବେଦ ଓ ଅନ୍ୟାନ୍ୟ ଗ୍ରନ୍ଥକୁ ବିଶ୍ୱାସ କରନ୍ତି, ତାହା ହେଉଛି ମୂର୍ତ୍ତି ପୂଜା । କାରଣ ବେଦରେ ମୂର୍ତ୍ତି ପୂଜା ବର୍ଣ୍ଣିତ । ମୂର୍ତ୍ତି ପୂଜା ହେଉଛି; ଜଣେ ବ୍ୟକ୍ତି....କାହାକୁ କିପରି ସମ୍ମାନ ଦେବ, ତାହାର ଏହା ଏକ ମାଧ୍ୟମ । ଯଦି କୌଣସି ବ୍ୟକ୍ତି ମୂର୍ତ୍ତି ପୂଜା କରନ୍ତି, ତାହା ହିଁ ଭଗବାନଙ୍କ ହିଁ ପୂଜା ।


+ନୟାଗଡ଼
ମୋ:୯୪୩୭୯୮୫୮୬୬


## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

### ଡ. ଶ୍ରୀକାନ୍ତ ଚରଣ ପାତ୍ର



(୬)

### ଜୀବନର ଗତିପଥ ପରିବର୍ତ୍ତନ: ଯୁବ ସରପଞ୍ଚ ମଥାରେ ବୋଝ

(ପୂର୍ବ ପ୍ରକାଶିତ ଉତ୍ତାରୁ) ଅଧିକାଂଶ ଲୋକଙ୍କର ଘର (ଘର ମାନେ ପଲାଘର ଓ ମାଟିଘର ।ସେତେବେଳେ କାହାରି ପକ୍କାଘର ନଥାଏ ) ଭାଙ୍ଗିଯାଏ । ସରକାରଙ୍କ ଅବସ୍ଥା ବି ଖରାପ । ଦେଶ ସ୍ୱାଧୀନ ହୋଇଥାଏ ମାତ୍ର ୨୦ବର୍ଷତଳେ । ଦେଶ ବିଭାଜନର କୁପରିଣାମ ସମସ୍ତେ ଭୋଗୁଥାନ୍ତି। ପୁଣି ଦୁଇଥର ପାକିସ୍ଥାନ ଓ ଥରେ ଚୀନ ଆକ୍ରମଣର ସାମ୍ନା କରିଥାଏ ଭାରତ । ପ୍ରାୟ ସମ୍ବଳଶୂନ୍ୟ ଦେଶ, ରାଜ୍ୟ ବି । ପଞ୍ଚାୟତର କଥା କହିଲେ ନସରେ। ଶିଖରପୁର, ପୀରଘାଟ ଓ ବଜାରଶୋଳ ନୌକାଘାଟର ଆୟର ଅଧା (ବାକି ଅଧକ ଜଳେଶ୍ୱର ଏନ.ଏ.ସି. ନେଉଥାଏ) ଓ ସାଇକେଲ ଟୋକନ ବିକ୍ରି (ଖଣ୍ଡିକ ୨ କି ୩ଟଙ୍କା )ଟଙ୍କା ହିଁ ଆୟର ଉତ୍ସ । ସେଇଥିରୁ ପଞ୍ଚାୟତ ସେକ୍ରେଟାରୀ ବି ଦରମା ନେଉଥିଲେ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଦେଶର ବିକାଶପାଇଁ ଉଦ୍ୟମ କରାଯାଉଥାଏ । ବନ୍ୟା ଦୁର୍ଗତଙ୍କପାଇଁ ସରକାରୀ ସାହାଯ୍ୟ ମାନେ କିଛି ଚାଉଳ ଓ ଟେଷ୍ଟ ରିଲିଫ କାମ ମାଧ୍ୟମରେ ଲୋକଙ୍କୁ ଅଳ୍ପ କିଛିଦିନ ପାଇଁ କାମ ଯୋଗାଇବା ।

ଆମ ପଞ୍ଚାୟତରେ ବି ସେମିତି ସାହାଯ୍ୟ ମିଳିଲା।

ମାତ୍ର ଦିନ ଯେତିକି ବିତିଲା, ସମସ୍ୟା କ୍ରମେକ୍ରମେ ଉତ୍କଟ ହେଲା । ଧାନ ଫସଲ ଉଜୁଡି ଯାଇଥାଏ ବାରମ୍ବାର ବନ୍ୟା ହେବା ଯୋଗୁଁ । ଦୂରବର୍ତ୍ତୀ ଗାଆଁ ମାନଙ୍କରେ ଲୋକେ କାମ କରି ଯେତିକି ଅର୍ଥ ପାଉଥିଲେ ତା ବଦଳରେ ଚାଉଳ କେଉଁଠୁ କିଣିବେ ? ସରକାର ବିଭିନ୍ନ ପଞ୍ଚାୟତରେ ଦୁଇ/ତିନିଟି କରି କଣ୍ଟ୍ରୋଲ ଚାଉଳ ଓ ଗହମ ଦୋକାନ ଖୋଲିଥାନ୍ତି। ମାତ୍ର ଅଭାବୀ ଲୋକଙ୍କର ଆବଶ୍ୟକତା ତୁଳନାରେ ସେ କିଛିନୁହେଁ । ଅବସ୍ଥା ଇମିତି ହେଲାଯେ ସୁଖଦୁଃଖିଆ, ମହୁଲିଆ, ଠିକିରା ଓ ବେଲବାରିଆ ଗ୍ରାମମାନଙ୍କର ଲୋକମାନେ କଞ୍ଚା କଇଁଥ ଓ 'ଗୁଆରଖି '( କଚୁ )ସିଝା ଖାଇକି ଜୀବନ ରକ୍ଷାକଲେ । ଆମ ଦୁଆରକୁ ଲୋକଙ୍କ ସୁଅ ଛୁଟୁଥାଏ । ମୁଁ ବା କଣ କରିପାରିବି ? ଲୋକଙ୍କର ମୋ ଉପରେ ବିଶ୍ୱାସ ଥାଏ...ମୁଁ ଏତେ ପାଠପଢ଼ିଛି, ନିଷ୍ଚୟ ସେମାନଙ୍କୁ ଏ ବିପଦ କାଳରେ ସାହାଯ୍ୟ କରିପାରିବି । ଦିନେ ଜଣେ ଲୋକ ଭୋରରୁ ଆମ ଘରକୁ ଆସି ନିଜର ଦୁଃଖ ଜଣାଇ ପ୍ରତିକାର କରିବାକୁ କହିଲେ। ମୋ ଉତ୍ତରରେ ମୋ ଅସହାୟତା ବାରିହୋଇ ପଡୁଥାଏ । ସେ ବୁଝିପାରି କହିଲେ, 'ବାବୁ ,ଏତେ ପାଠ ପଢିଛ, ସରକାରକୁ ଦେଖାକରି ଆମ ଦୁଃଖ ଜଣଉନ।' ମୋତେ ଯେମିତି କିଏ ଚାବୁକରେ ପିଟିଲା । ହଁ, ସତେତ ! ମୁଁ ତ ଏତେ ଅକର୍ମଣ୍ୟ ନୁହେଁ ? ଭାବିଲି ।

> ସେତେବେଳେ ଓଡିଶାରେ ସ୍ୱତନ୍ତ୍ର-ଜନ କଂଗ୍ରେସ ମିଳିତ ସରକାର ରହିଥାଏ । ଜନ କଂଗ୍ରେସ ଦଳର ସ୍ଥାନୀୟ ପଦାଧିକାରୀ ଡାକ୍ତର ବନମାଳୀ ସେନାପତି ଓ ଅଲାଲପୁରର ରାମଶଙ୍କର ଦାସ ମହାପାତ୍ରଙ୍କୁ ସାଥୀରେ ନେଇ ଭୁବନେଶ୍ୱର ଗଲି । ଜିଲ୍ଲା ସଂପାଦକ ଭୋଗରାଇର ଗଣେଶ ଚନ୍ଦ୍ର ମହାନ୍ତି ଓ ସଭାପତି ସୋରର ନୀଳାମ୍ବର ଦାସ ଚିଠି ଲେଖିଦେଲେ ଯୋଗାଣ ଓ ଖାଦ୍ୟମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ପାଖକୁ । ଆମେ ତାଙ୍କୁ ଓ ଉତ୍କଳକେଶରୀ ମହତାବଙ୍କୁ ଭେଟି ଦୁଃଖ ଜଣାଇଲୁ ।

ସେତେବେଳେ ଓଡିଶାରେ ସ୍ୱତନ୍ତ୍ର-ଜନ କଂଗ୍ରେସ ମିଳିତ ସରକାର ରହିଥାଏ । ଜନ କଂଗ୍ରେସ ଦଳର ସ୍ଥାନୀୟ ପଦାଧିକାରୀ ଡାକ୍ତର ବନମାଳୀ ସେନାପତି ଓ ଅଲାଲପୁରର ରାମଶଙ୍କର ଦାସ ମହାପାତ୍ରଙ୍କୁ ସାଥୀରେ ନେଇ ଭୁବନେଶ୍ୱର ଗଲି । ଜିଲ୍ଲା ସଂପାଦକ ଭୋଗରାଇର ଗଣେଶ ଚନ୍ଦ୍ର ମହାନ୍ତି ଓ ସଭାପତି ସୋରର ନୀଳାମ୍ବର ଦାସ ଚିଠି ଲେଖିଦେଲେ ଯୋଗାଣ ଓ ଖାଦ୍ୟମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ପାଖକୁ । ଆମେ ତାଙ୍କୁ ଓ ଉତ୍କଳକେଶରୀ ମହତାବଙ୍କୁ ଭେଟି ଦୁଃଖ ଜଣାଇଲୁ ।

ନିତ୍ୟାନନ୍ଦବାବୁ ଆମ ପଞ୍ଚାୟତକୁ ଆସି ସମସ୍ତ ବନ୍ୟା ପୀଡିତ ଗାଆଁ ବୁଲିଲେ। ତାଙ୍କର ବହୁତ କୋମଳ ହୃଦୟ । ଲୋକଙ୍କ ଦୁର୍ଦ୍ଦଶା ଦେଖି ଅଭିଭୂତ ହୋଇ କାନ୍ଦି ପକାଇଲେ । ଚମାରଗାଁ ସଡକ ପାଖରେ ସଭାହେଲା । ବିଧାୟକ ବି ଯୋଗ ଦେଲେ । ଶୀଘ୍ର ପ୍ରତିକାର କରିବାର ପ୍ରତିଶ୍ରୁତି ଦେଇଗଲେ ।

ଭୁବନେଶ୍ୱର ଫେରିଯାଇ ସେ ପ୍ରତିଶ୍ରୁତି ରକ୍ଷାକଲେ । ସରକାରୀ ନିୟମ ବାହାରକୁ ଯାଇ ଆମ ପଞ୍ଚାୟତରେ ସାତଟି କଣ୍ଟ୍ରୋଲ ଦୋକାନ ଖୋଲିଲେ । ରିହାତି ଦାମରେ ମୁଗ, ଗହମ ଓ ବୁଟ ବିହନ ବ୍ଲକ ଜରିଆରେ ବିକ୍ରିହେଲା । (ସେତେବେଳେ ଜଳସେଚନର ସୁବିଧା ନଥିବରୁ ଖରାଦିନିଆ ଧାନଚାଷ ଲୋକେ କରୁନଥାନ୍ତି ।)

ଭଗବାନଙ୍କ ଆଶୀର୍ବାଦରୁ ସେ ବର୍ଷ ପ୍ରଚୁର ପରିମାଣରେ ମୁଗ, ବିରି ଓ ବୁଟ ଉତ୍ପାଦିତ ହେଲା । ରାସ୍ତାକଡରେ, ହାଟ ବଜାରରେ ସିଝା ଓ ଅସିଝା ମୁଗ ବୁଟ ଶସ୍ତାରେ ବିକ୍ରିହେଲା । ଲୋକେ ସେଇସବୁ ଖାଇକି ଜୀବନ ରକ୍ଷାକଲେ ।

ସେଇ ସମୟରେ ଏକ ଅତି ଦୁଃଖଦାୟକ ଘଟଣା ଘଟିଥିଲା । ଖାଦ୍ୟାଭାବରେ ପୀଡିତ ଜନସାଧାରଣ ଖାଦ୍ୟ ଯୋଗାଣପାଇଁ ଦାବିକରି କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ଜଳେଶ୍ୱର ତହସିଲ ଅଫିସ ଘେରାଉ କରିଥିବା ସମୟରେ ପୋଲିସର ଗୁଳିଚାଳନାରେ ଶିବୁ ଓ ସାଧୁ ନାମରେ ୨ଜଣ ଯୁବକ ସହୀଦ ହୋଇଥିଲେ । (ଦୟାକରି ପଢିବେ ମୋ ଲିଖିତ ପ୍ରବନ୍ଧ 'ଉତ୍ତର ବାଲେଶ୍ୱରରେ ଖାଦ୍ୟ ଆନ୍ଦୋଳନ')

ସମୟ ଆଗେଇଗଲା । ତା' ସହିତ ବିପଦ ଟଳିଗଲା । କିନ୍ତୁ ମନ ଗନ୍ତାଘରେ ସାଇତା ହୋଇ ଆଜିଯାଏ ରହିଛି ସେଇ ସମୟର ଅନେକ ଅଭୁଲା ସ୍ମୃତି ।

୧୯୬୯ ମସିହା ପ୍ରଥମ ଭାଗରେ ପଞ୍ଚାୟତର ତିନି ବର୍ଷିଆ କାର୍ଯ୍ୟକାଳ ପୂରିଗଲା। ମୁଁ ରାଜନୀତିରୁ ବିଦାୟ ନେଇ ଜଳେଶ୍ୱର ମହାବିଦ୍ୟାଳୟରେ ଶିକ୍ଷାଦାନକୁ ଆଦରିନେଲି । (କ୍ରମଶଃ)


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


## ଅନୁଭବର ଶଙ୍ଖଧ୍ୱନି

# ପ୍ରେମ ବନ୍ଧନର ଖେଳ



### ଡକ୍ଟର ଲକ୍ଷ୍ମଣ ସାହୁ



ଜୀବନ ଋତୁଚକ୍ର ପରି ଗତିମୁଖର । ବେଳେବେଳେ ଗ୍ରୀଷ୍ମ ପରି ଗରମ, କେବେ ଶୀତ ପରି ଥଣ୍ଡା ଓ ପୁଣି କେତେବେଳେ ବର୍ଷା ଋତୁ ପରି ଝିପିଝିପି ଭଳି ତାର ହୃତସ୍ପନ୍ଦନ ସ୍ପନ୍ଦିତ ହୁଏ। ଯେପରି ଋତୁ ରଙ୍ଗ ବଦଳାଇଥାଏ, ଜୀବନ ମଧ୍ୟ ସମୟ ମୁହଁରେ ରଙ୍ଗ ବଦଳାଇଥାଏ । କିନ୍ତୁ ବେଳେବେଳେ ଜୀବନରେ କିଛି ଅଜବ ପ୍ରଶ୍ନର ଉତ୍ତର ଦେବା ଅତ୍ୟନ୍ତ କଷ୍ଟକର ହୋଇଯାଏ ।

ଏହି କାହାଣୀଟି ମଧ୍ୟ ସମାନ । ପରିବର୍ତ୍ତିତ ଋତୁ ପରି ରଙ୍ଗ ବଦଳାଇବା ସହ ସେହି ରଙ୍ଗରୁ ଉଜ୍ଜ୍ୱଳ ରଙ୍ଗ ଚୋରି କରିବା ସହିତ ସମାନ ସାମଞ୍ଜସ୍ୟ ଭରି ରହିଛି । ସତରେ ଏହି କାହାଣୀର ପରିବର୍ତ୍ତିତ ରଙ୍ଗ, ଯାହା ନିଜେ ଅଦୃଶ୍ୟ ହୋଇଯାଏ ।

କଥାଟି ଖୋଲି କହିରଖେ, ଯୁବ କ୍ଲବ ପକ୍ଷରୁ ଏକ ପାର୍ଟିର ଆୟୋଜନ କରାଯାଇଥିଲା । ଯେଉଁଥିରେ ଆୟୋଜକମାନେ ସେମାନଙ୍କ ସଦସ୍ୟଙ୍କ ମଧ୍ୟରୁ ଯେଉଁମାନେ କୋଡ଼ିଏ ବର୍ଷ ପୂର୍ବରୁ ବିବାହ କରିଥିଲେ ଅର୍ଥାତ୍ ଯୁବ ଦମ୍ପତିଙ୍କ ପାଇଁ ଏହି ପାର୍ଟି ଆୟୋଜନ କରିଥିଲେ ।

ଏହି ପାର୍ଟିରେ ପ୍ରାୟ ୫୦ ଉର୍ଦ୍ଧ୍ୱ ଦମ୍ପତି ଯୋଗ ଦେଇଥିଲେ । ସମସ୍ତେ ବହୁତ ସୁନ୍ଦର ଥିଲେ, ସେମାନେ ଭଲ ପୋଷାକ ପିନ୍ଧି ପାର୍ଟିକୁ ଆସିଥିଲେ । ପାର୍ଟିର ସର୍ତ୍ତ ଥିଲେ କେବଳ ପତିପତ୍ନୀ ଯୋଗ ଦେବାକୁ । ତେଣୁ ସମସ୍ତେ ନିଜ ପିଲାମାନଙ୍କୁ ଘରେ ଛାଡି ଆସିବାକୁ ପଡ଼ିଥିଲା ।

ଉପସ୍ଥିତ ପ୍ରତ୍ୟେକ ଦମ୍ପତି ପରସ୍ପରକୁ ବହୁତ ଭଲ ଭାବରେ ଜାଣିଥିଲେ । ତେଣୁ ପାର୍ଟିକୁ ଆସିବା ମାତ୍ରେ ପରସ୍ପର ସହିତ ମିଶିଥିଲେ । ଅବାଧରେ ମିଳିତ ହେବାର ଉଷ୍ମତା ସହିତ ରୋମାଣ୍ଟିକ ଗୀତର ତାଳେ ତାଳେ ଝୁମି ଯାଉଥିଲେ । ପାର୍ଟିର ପ୍ରାରମ୍ଭିକ ପର୍ଯ୍ୟାୟରେ ସେଠାରେ ଅନେକ ରାଉଣ୍ଡ ଷ୍ଟାର୍ଟର, ମଦ ଓ ମୃଦୁ ପାନୀୟ ଇତ୍ୟାଦି ଥିଲା । ଏହା ପରେ ସମସ୍ତେ ଖାଦ୍ୟ କକଲେଟ୍ ନନ୍‌ଭେଜ, ଭେଜ୍, ସ୍ୱାଦିଷ୍ଟ ଖାଇଲେ ।

ରାତ୍ରୀ ଭୋଜନ ଶେଷ ରାଉଣ୍ଡରେ ପାର୍ଟିରେ ଦମ୍ପତିମାନଙ୍କ ସହିତ ଅନେକ ପ୍ରକାରର ଖେଳ ଖେଳା ଯାଇଥିଲା । ପ୍ରତ୍ୟେକ ଖେଳର ନିଜସ୍ୱ ନିୟମ ସ୍ୱତନ୍ତ୍ର ଥିଲା । ବହୁତ କଠୋର ନିୟମ । ଏକ ଆଙ୍କର୍ ଖେଳ ପରିଚାଳନା କରୁଥିଲେ । ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ବିରାଟ ହଲରେ ପାର୍ଟି ଚାଲିଥିଲା । ମନମୁଗ୍ଧକର ଆକର୍ଷଣ ଢଙ୍ଗରେ ଆଙ୍କର୍ ତାଙ୍କର କାର୍ଯ୍ୟ ନିର୍ବାହ କରୁଥିଲେ ।

ଶେଷରେ ଆଙ୍କର୍ ଜଣେ ସୁନ୍ଦରୀ ମହିଳା ମନୀଷାଙ୍କୁ ଷ୍ଟେଜ ଉପରକୁ ନିମନ୍ତ୍ରଣ କରିଥିଲେ। ଯିଏକି ୪ ବର୍ଷ ପୂର୍ବରୁ ବିବାହ କରିଥିଲେ ଏବଂ ତାଙ୍କର ୨ ବର୍ଷର ପୁଅ ଥିଲେ। ମନୀଷା ଉଠି ଯାଇ ଷ୍ଟେଜ ଉପରେ ରଖାଯାଇଥିବା ଚେୟାରରେ ବସିଲେ । ଷ୍ଟେଜରେ ବଡ଼ ଧଳା ରଙ୍ଗର ବୋର୍ଡ ଥିଲା । ଆଙ୍କର୍ ମନୀଷାଙ୍କୁ କହିଲେ ତୁମେ ବୋର୍ଡରେ ଏପରି ୪୦ ଟି ନାମ ଲେଖ, ଯାହାକୁ ତମେ ଅଧିକ ଭଲ ପାଇ ଆସିଛ।

ହଲରେ ଥିବା ସମସ୍ତ ଦମ୍ପତି ଏକତ୍ରିତ ହୋଇ ଖେଳଟି କ'ଣ ହେବ ବୋଲି ଭାବି ଆଙ୍କଲ୍ ଏବଂ ମନୀଷାଙ୍କୁ ଚାହିଁ ରହିଲେ । ଖେଳ ବିଷୟରେ କେହି କିଛି ଜାଣି ନ ଥିଲେ ।

ସେ କେଉଁ ପ୍ରକାର ଖେଳର ଅଂଶ ହେବାକୁ ଯାଉଛନ୍ତି ତାହା ମଧ୍ୟ ମହିଳା ଜାଣି ନଥିଲେ। ସେ ଆସି ମଜା କରି ଚେୟାର ବସିଥିଲେ ।

କିନ୍ତୁ ସେ ଆଙ୍କର୍‌ଙ୍କ କଥା ଶୁଣିବା ମାତ୍ରେ ସେ ଅସନ୍ତୋଷ ପ୍ରକାଶ କଲେ ।

ଏହିପରି ଚାଳିଶ ଜଣଙ୍କ ନାମ..."

ମନୀଷା ଦ୍ୱନ୍ଦ୍ୱରେ କହିଲା, "ମୁଁ କାହାକୁ ଅଧିକ ଭଲ ପାଏ ?"

'ହଁ ।' ସେହି ସମୟରେ ଆଙ୍କରଙ୍କ ଓଠରେ ଏକ ସ୍ମିତ ହସ ଫୁଟିଲା, 'ତୁମ ଜୀବନରେ ୪୦ ଜଣ ଲୋକ ନାହାଁନ୍ତି ଯାହାକୁ ତୁମେ ଭଲ ପାଉଛ ?'

"ନା... ନା ।" ମନୀଷା ଶୀଘ୍ର କହିଲା, "ମୁଁ... ଯାହା କହିବାକୁ ଚାହୁଁଥିଲି ତାହା ନୁହେଁ । ୪୦ କ'ଣ, ମୋ ଜୀବନରେ ଏପରି ଅନେକ ଲୋକ ଅଛନ୍ତି, ଯାହାକୁ ମୁଁ ବହୁତ ଭଲ ପାଏ ଓ ସମସ୍ତେ ମୋତେ ବହୁତ ଭଲ ପାଆନ୍ତି ।

'ଭଲ' ଏହି ଖେଳର ନାମ ହେଉଛି ପ୍ରେମ ଖେଳ ।

'ପ୍ରେମ ଖେଳ ।' ହଲ୍ ମଧ୍ୟରେ ଏକାଠି ହୋଇଥିବା ଦମ୍ପତିଙ୍କ ମୁହଁରେ ହସ ଫୁଟିଲା, କୌତୁହଳପ୍ରଦ ଲାଗିଲା ।

ମନୀଷା ମଧ୍ୟ ବର୍ତ୍ତମାନ ଚେୟାର ଛାଡି ଠିଆ ହୋଇଥିଲେ । ସେ ବହୁତ ଉତ୍ସାହର ସହିତ ମାର୍କର ପେନ୍ ନେଇ ଧଳା ବୋର୍ଡକୁ ଯାଇ ଶୀଘ୍ର ନାମ ଲେଖିବା ଆରମ୍ଭ କଲେ । ମନୀଷା ସତ କହିଥିଲେ। ତାଙ୍କ ଜୀବନରେ ପ୍ରକୃତରେ ବହୁତ ଆପଣାର ବ୍ୟକ୍ତି ଥିଲେ ଯାହାଙ୍କୁ ସେ ବହୁତ ଭଲ ପାଉଥିଲେ। ତାଙ୍କ ନାମ ଲେଖିବାର ଗତିରୁ ଏହା ଜଣାଶୁଣା। ତାଙ୍କୁ ଏ ବିଷୟରେ ଅଧିକ ଚିନ୍ତା କରିବାକୁ ପଡ଼ିଲା ନାହିଁ ।

କିଛି ମିନିଟରେ ସେ ୪୦ ନାମ ଲେଖିଥିଲେ। ସେହି ତାଲିକାରେ ତାଙ୍କର ସମ୍ପର୍କୀୟ, ବନ୍ଧୁ, ଭାଇ, ଭଉଣୀ, ମା, ବାପା, ସ୍ୱାମୀ ଓ ତାଙ୍କର ୨ ବର୍ଷର ପୁଅ ମଧ୍ୟ ସେଠାରେ ଥିଲେ । ତାଙ୍କ ନାମ ଲେଖିବା ପରେ, ସେ ବିଜୟ ଉଲ୍ଲାସ ହସ ବିସ୍ତାର କରି ଆଙ୍କର୍ ଆଡକୁ ଗଲେ ।

ସେ କହିଲେ, '୪୦ ଟି ନାମ ଲେଖି ନାହଁ।'

'ହଁ ।' ଆଙ୍କର୍ ହସିଲ, 'କିନ୍ତୁ ଖେଳ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ । ଖେଳ ବର୍ତ୍ତମାନ ଆରମ୍ଭ ହୋଇଛି ।'

"ଅର୍ଥ ?"

'ବର୍ତ୍ତମାନ ଅର୍ଥ ହେଉଛି ଆପଣ ଏଥିରୁ ୨୦ ଜଣଙ୍କ ନାମ କାଟିବାକୁ ପଡିବ, ଯାହାକୁ ଆପଣ କମ୍ ଭଲ ପାଆନ୍ତି । ଧରାଯାଉ, ଏହି ୪୦ ଜଣଙ୍କ ସହିତ, ତମେ ସମୁଦ୍ର ମଧ୍ୟରେ ଏକ ଡଙ୍ଗାରେ ଚଢିଯାଇଛ, ଯାହା ବୁଡ଼ିବାକୁ ଯାଉଛି। ଯଦି ୪୦ ଜଣଙ୍କ ମଧ୍ୟରୁ ୨୦ ଜଣଙ୍କୁ ସମୁଦ୍ର ମଧ୍ୟକୁ ଫିଙ୍ଗିଦିଆଯାଏ, ତେବେ ଡଙ୍ଗା ବଞ୍ଚିପାରିବ । ଏପରି ପରିସ୍ଥିତିରେ ସେହି ୨୦ ଜଣ କିଏ ହେବେ ଯାହାକୁ ଆପଣ ସମୁଦ୍ର ମଝିରେ ପକାଇ ପାରିବେ ଏବଂ ଅବଶିଷ୍ଟ ୨୦ ଜଣଙ୍କ ଜୀବନ ରକ୍ଷା କରିବେ ?'

ମନୀଷା ଏବେ ଦ୍ୱନ୍ଦ୍ୱରେ ପଡ଼ିଗଲେ ।

ତଥାପି, ସେ ପୁନର୍ବାର ହ୍ୱାଇଟ୍ ବୋର୍ଡରେ ପହଞ୍ଚି ଏପରି ୨୦ ଜଣଙ୍କ ନାମ କାଟିଦେଲେ । ଯାହାଙ୍କୁ ସେ ସମୁଦ୍ରରେ ଫିଙ୍ଗି ବାକି ୨୦ ଜଣଙ୍କ ଜୀବନ ରକ୍ଷା କରିପାରିଥାନ୍ତେ । ବର୍ତ୍ତମାନ ଧଳା ବୋର୍ଡରେ ଛାଡି ଦିଆଯାଇଥିବା ନାମଗୁଡ଼ିକ ହେଲା ତାଙ୍କର ଅତି ନିକଟ ସମ୍ପର୍କୀୟ, ଭାଇ, ଭଉଣୀ, ମା, ପିତା, ସ୍ୱାମୀ ଓ ତାଙ୍କର ୨ ବର୍ଷର ପୁଅ ।

'ଭଲ ।' ଆଙ୍କଲ ହସିଲେ 'ବର୍ତ୍ତମାନ ଏଥିରୁ ଆଉ ୧୦ ଟି ନାମ କାଟ ।'

ମନୀଷା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ତମେ କଣ କହିବାକୁ ଚାହୁଁଛ ?'

ଆଙ୍କଲ୍ କହିଲେ ଉଭୟ, 'ଏହା ସରଳ, ବର୍ତ୍ତମାନ କେବଳ ୧୦ଟି ନାମ ବାଛ ଯାହାକୁ ତୁମେ ଅଧିକ ଭଲ ପାଅ ଓ ସେହି ୧୦ ଜଣଙ୍କୁ ବଞ୍ଚାଇବା ପାଇଁ, ତୁମେ ଅବଶିଷ୍ଟ ୧୦ ଟି ନାମ ସମୁଦ୍ର ମଝିରେ ପକାଇ ପାରିବ । ମନେରଖ, ତୁମେ ସମସ୍ତେ ଡଙ୍ଗାରେ ଅଛ, ଯେମିତି ଜୀବନ ଓ ମୃତ୍ୟୁ ସହିତ ଯୁଦ୍ଧ ଚାଲିଛି।

ମନୀଷା ପୁଣି ଧଳା ବୋର୍ଡକୁ ଯାଇ ଆଉ ୧୦ଟି ନାମ ଛାଡିଦେଲା । କିନ୍ତୁ ସେହି ୧୦ଟି ନାମ କାଟିବା ତାଙ୍କ ପାଇଁ ପୂର୍ବ ଭଳି ସହଜ ନଥିଲା । ସେ ଅତି ଚିନ୍ତାଧାରାରେ ୧୦ ନାମ କାଟିଲେ । ଷ୍ଟେଜ୍ ଚାରିପାଖରେ ଏକତ୍ରିତ ହୋଇଥିବା ଲୋକମାନେ ମଧ୍ୟ ମନୀଷାଙ୍କୁ ବହୁତ ଅସ୍ଥିରତା ସହିତ ଦେଖିବା ଆରମ୍ଭ କଲେ। ସମସ୍ତେ ଜାଣିବାକୁ ଚାହିଁଲେ ଯେ ମନୀଷା କାହା ନାମ କାଟିବେ ।

ଧଳା ବୋର୍ଡରେ ଥିବା ଅବଶିଷ୍ଟ ୧୦ଟି ନାମ ମଧ୍ୟରେ ତାଙ୍କର କିଛି ବିଶେଷ ସମ୍ପର୍କୀୟ, ଭାଇ, ଭଉଣୀ, ମା, ପିତା, ସ୍ୱାମୀ ଓ ପୁଅ ଥିଲେ ।

'ହଁ ।' ଆଙ୍କର ଏକ ଦୀର୍ଘ ନିଶ୍ୱାସ ନେଲେ। (ଆରଥରକୁ)


♥ ତାରା ନିଳୟ
ପ୍ଲଟ : ୮୫୪/ଏ, ଚାଚରା ଶବର ସାହି
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା- ୫୫
(ମୋ) ୯୦୪୦ ୧୫୧୪୭୫


# ସର୍ବେ ଭଦ୍ରାଣି ପଶ୍ୟନ୍ତୁ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ଭାବେ ପାଳନ କରାଯାଇଥାଏ । ଅସହିଷ୍ଣୁତା ବିରୋଧରେ ଜନ ସଚେତନତା ସୃଷ୍ଟି କରାଯିବାକୁ ମିଳିତ ଜାତିସଂଘ ଶୈକ୍ଷିକ ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ । ଅସହିଷ୍ଣୁତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ପରସ୍ପର ମଧ୍ୟରେ ଥିବା ଈର୍ଷା ଏବଂ ପ୍ରତିଯୋଗିତା ମନୋଭାବ ପରିତ୍ୟାଗ କରିବା, ଯୁଦ୍ଧ ଠାରୁ ଦୂରେଇ ରହିବା, ମାନବାଧିକାରର ସୁରକ୍ଷା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ମୈତ୍ରୀ ଭାବ ସ୍ଥାପନ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇଥାଏ । ୧୯୯୬ ଠାରୁ ବିଶ୍ୱରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ପାଳନ କରିଆସୁଛନ୍ତି । କ୍ଷମା, ସହିଷ୍ଣୁତା, ଦୟା, ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସ ଇତ୍ୟାଦି ଭଗବତ୍ ପ୍ରଦତ୍ତ ଗୁଣ। ଏହି ସଦ୍‌ଗୁଣର ଆଲୋକରେ ଆଲୋକିତ ବ୍ୟକ୍ତି ଦେବତା ବା ଦୀପ୍ତିମାନ୍ ସତ୍ତା ଭାବରେ ପୂଜିତ ଓ ବିଶ୍ୱବନ୍ଦିତ। ଏମାନେ ସମାଜର ପଥପ୍ରଦର୍ଶକ ଓ ମାର୍ଗଦର୍ଶକ। ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ ଉଲ୍ଲେଖ କରିଛନ୍ତି – ସହିଷ୍ଣୁତାମାନେ ପଳାୟନ ନୁହେଁ, ବରଂ ପ୍ରେମର ସହିତ ଆଲିଙ୍ଗନ। ଯେଉଁ ସାଧନା କଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା ଓ ହିଂସା ଆସେ, ତାହା ଆପାତତଃ ଲାଭଜନକ ହେଲେ ମଧ୍ୟ ତା'ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ରସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିଦେଇପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରିଦେଇପାର, କିନ୍ତୁ ତୁମ ହୃଦୟରେ ଯଦି ପ୍ରେମ ନଥାଏ ତେବେ ତୁମର କିଛି ମଧ୍ୟ ହୋଇନାହିଁ। ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ଦୂରରୁ ପରିହାର କର, ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ। ସନ୍ଦେହର ନିରାକରଣ କର, ଆଉ ବିଶ୍ୱାସର ସିଂହାସନରେ ଭକ୍ତିକୁ ବସାଅ, ହୃଦୟରେ ଧର୍ମରାଜ୍ୟ ସଂସ୍ଥାପିତ ହେଉ। ଭକ୍ତକବି ମଧୁସୂଦନ ରାଓ କହିଲେ – ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ଦେଶ ଓ ରାଷ୍ଟ୍ର ମଧ୍ୟରେ ସହିଷ୍ଣୁତା ହିଁ ହେଉଛି ଶାନ୍ତି ରାଜ୍ୟର ଚାବିକାଠି।

ଜଗତର ସମସ୍ତ ଅଶାନ୍ତିର ମୂଳ ହେଉଛି ଏହି ଅସହିଷ୍ଣୁତା ଓ ଅପ୍ରେମ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ ବଜ୍ର ନିର୍ଘୋଷ କଣ୍ଠରେ ଉଲ୍ଲେଖ କଲେ – କ୍ଷମା କରିବାକୁ ହୁଏ ଏଭଳି ଭାବରେ ଯାହାଦ୍ୱାରା କ୍ଷତିର ପଥରୁଦ୍ଧ ହୁଏ। ଜଣେ ନରହନ୍ତାକାରୀକୁ ଯଦି କ୍ଷମା କରିବାକୁ ହୁଏ, ତେବେ ତାକୁ ଏପରି ଭାବରେ ଅନୁତପ୍ତ କରି ଉଠାଇବାକୁ ହେବ, ଯାହାଦ୍ୱାରା ସେ ପୁନରାୟ ନରହତ୍ୟା କରିବା ଅସମ୍ଭବ ହୋଇଉଠେ। ଭଗବାନ ଆମ୍ଭମାନଙ୍କୁ ଯେଉଁ ସ୍ୱାଧୀନ ଇଚ୍ଛାଶକ୍ତି ଦେଇଛନ୍ତି ତାହାକୁ ନେଇ ଆମ୍ଭେମାନେ ଯେତେବେଳେ ପ୍ରବୃତ୍ତିର ଅଧୀନ ହୋଇପଡୁ, ଈଶ୍ୱରଙ୍କ ସେବା ନକରି ପ୍ରବୃତ୍ତିର ସେବା କରୁ ସେତେବେଳେ ସନ୍ଦେହ ସୃଷ୍ଟି ହୁଏ। ଭଗବାନଙ୍କ ରାଜ୍ୟରେ ସବୁ ସୁନ୍ଦର, ଅସୁନ୍ଦର କିଛି ନାହିଁ। ଅସୁନ୍ଦର ବା ଅସହିଷ୍ଣୁତା ହୁଏ ଆମ୍ଭମାନଙ୍କର ପ୍ରୟୋଗର ଦୋଷରେ। ଈଶ୍ୱର ବା ଗୁରୁଙ୍କ ପ୍ରତି ବୃତ୍ତିଭେଦୀ ଆକର୍ଷଣ ଯେତେବେଳେ କୃଶ ହୋଇଉଠେ, ସେତେବେଳେ ଅସହିଷ୍ଣୁତା ବା ଅପ୍ରେମ ଆମ୍ଭମାନଙ୍କୁ ଗ୍ରାସ କରେ। ଭ୍ରାନ୍ତି ସେତେବେଳେ ଆସେ, ଯେତେବେଳେ ଉତ୍ସବିମୁଖ ଚଳନ ଆମ୍ଭମାନଙ୍କୁ ପାଇବସେ। ତେଣୁ ଅସହିଷ୍ଣୁତା, ଅପ୍ରେମ, ପରଶ୍ରୀକାତରତା, ହିଂସା, ଦ୍ୱେଷ, କ୍ଷୁଦ୍ର-ମାନସିକତା ଓ ବୃତ୍ତି ମୁଖୀନତା ଇତ୍ୟାଦି ପ୍ରବୃତ୍ତି ସୃଷ୍ଟ। ବୃତ୍ତି-ପ୍ରବୃତ୍ତିର ଉର୍ଦ୍ଧ୍ୱରେ ବାସ କରୁଥିବା ଜୀବନ, ଚେତନା, ଜ୍ଞାନ, ବିଜ୍ଞାନ, ଆନନ୍ଦ, ଶାନ୍ତି ଓ ପ୍ରେମର ଅବତାର ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହିଁ ଏହି ସମସ୍ୟାର ସମାଧାନ। କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ, ମୁଁ ନିଶ୍ଚୟ କହୁଛି, ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍।'


+ସହ-ପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ :୯୪୩୭୦୫୧୯୫୭

# ୩୪ ତମ ପିକକ୍ ଶିଶୁମେଳାର ପଞ୍ଚମ ସନ୍ଧ୍ୟା: ଓଡିଶୀ ନୃତ୍ୟରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ




ଭୁବନେଶ୍ୱର: ୧୮/୧୧: ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍)ର ଏକାମ୍ର ହାଟରେ ଚାଲିଥିବା ସାତ ଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ପଞ୍ଚମ ସନ୍ଧ୍ୟା। ଆଜି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୁନି କୁନି ପିଲା ମାନଙ୍କ ମଧ୍ୟରେ ଓଡିଶୀ ନୃତ୍ୟର ପ୍ରତିଯୋଗୀତା। ଆକର୍ଷଣୀୟ ଓଡିଶୀ ବେଶପୋଷାକରେ ସୁସଜ୍ଜିତ କୁନି କୁନି ପିଲାମାନଙ୍କର ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଆଜିର ପ୍ରତିଯୋଗୀତାର ମୁଖ୍ୟ ବିଚାରକ ମାନେଥିଲେ ଡ. ସ୍ନେହପ୍ରଭା ସାମନ୍ତରାୟ, ପୁଷ୍ପିତା ମିଶ୍ର ଓ ରଞ୍ଜିତା ପତି। ଆଜି ସଂନ୍ଧ୍ୟାରେ ଅତିଥିମାନେ ଥିଲେ ଓଡିଶା ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ଜେନା, ଆମ୍ର ଖୋର୍ଦ୍ଧାର ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶରତ କୁମାର ପରିଡା, ସଙ୍ଗୀତ ନାଟକ ଏକାଡେମିର ସମ୍ପାଦକ ପ୍ରବୋଧ ରଥ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ, ସଂଳାପକାର ଡ. ରଜନୀ ରଞ୍ଜନ ଓ ବରିଷ୍ଠ ସାମ୍ବାଦିକ ମାଧବନନ୍ଦ ବେହୁରା। ଅତିଥିମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଇମସ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରୋଟାରୀ କ୍ଲବ ୟୁନିକ, ଭୁବନେଶ୍ୱର ଓ କାନାରା ବ୍ୟାଙ୍କ। ଏହି କାର୍ଯ୍ୟକ୍ରମରେ ପିକକ୍ ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଉପସ୍ଥିତ ଥିଲେ। ପିକକ୍ର ରନ୍ ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଅଞ୍ଜନା ଦାସ, ଯୁଗଳ ଜେନା, ସତ୍ୟଶିବ ରଥ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସଂନ୍ଧ୍ୟାରେ କଳିଙ୍ଗାୟନ ତ୍ରୟୋତ୍ରିକମ, କ୍ରିଟିକିଡ଼ ଗ୍ରୁପ୍ ଓ ଲିଟିଲ ଷ୍ଟାର ଗ୍ରୁପର ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ସୌମ୍ୟ ପ୍ରିୟଦର୍ଶୀ, ଆରୁଷି ଓ ଆଦ୍ୟାଶା।

# ଚତୁର୍ଥ ଦିନରେ ବିକଶିତ ଭାରତ ସଂକଳ୍ପ ଯାତ୍ରା



ଭୁବନେଶ୍ୱର, ୧୮/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଜି ଚତୁର୍ଥ ଦିନରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସଂକଳ୍ପ ଯାତ୍ରା ଆୟୋଜନ କରାଯାଇଛି। ଏହି ଅବସରରେ ସଚେତନତା ରଥ ବ୍ଲକର ବିଭିନ୍ନ ପଞ୍ଚାୟତରେ ପହଞ୍ଚି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ କିଛି ହିତାଧିକାରୀଙ୍କୁ ସହାୟତା ବିତରଣ କରିଛି। ହିତାଧିକାରୀମାନେ ଯୋଜନାର ଲାଭ ସମ୍ପର୍କରେ ସେମାନଙ୍କର ଅନୁଭୂତି ବଖାଣିବା ସହିତ ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଜିଲ୍ଲାର ଖଇରପୁଟ ବ୍ଲକ୍ କଦମଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଯିବା ସହ ସେମାନଙ୍କୁ ସହାୟତା ବିତରଣ କରାଯାଇଥିଲା। କିଛି ହିତାଧିକାରୀ ଯୋଜନାର ଲାଭ ସମ୍ପର୍କରେ ସେମାନଙ୍କର ମତ ରଖିଥିଲେ। ସେହିପରି ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଭୁର୍ତ୍ତିଗଡ଼ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାର ସଚେତନତା ରଥ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ସଂକଳ୍ପ ଯାତ୍ରାର ପଦାଧିକାରୀ ମାନେ ହିତାଧିକାରୀଙ୍କୁ ସଚେତନ କରିବା ସହିତ ସେମାନଙ୍କୁ ପଞ୍ଜୀକରଣ ଓ ସହାୟତା ବିତରଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, କୃଷି ସଂକ୍ରାନ୍ତ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ପୁରୁମୁଣ୍ଡା ଏବଂ ପିପିଲିଆ ବ୍ଲକରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ସଚେତନତା ରଥ ହିତାଧିକାରୀଙ୍କୁ ସଚେତନ କରିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଯିବା ସହିତ ସେମାନଙ୍କର ପଞ୍ଜୀକରଣ କରାଯାଇଛି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଶତପ୍ରତିଶତ ପ୍ରସାର ଉଦ୍ଦେଶ୍ୟରେ ଗତ ୧୫ ତାରିଖରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଆରମ୍ଭ କରିଥିଲେ।

# ନୃସିଂହ ଚରଣ ସ'ଙ୍କ ପୌରାଣିକ ଉପନ୍ୟାସ 'ଇତି ମହାନାୟକ' ଉନ୍ମୋଚିତ



ବାଲେଶ୍ୱର, ୧୮/୧୧ (ନି.ପ୍ର): ମହାଭାରତର କେନ୍ଦ୍ରବିନ୍ଦୁ ଶ୍ରୀକୃଷ୍ଣଙ୍କୁ 'ମହାନାୟକ'ର ପରିଚୟ ଦେଇଥିଲେ ତାଙ୍କ ସଖୀ ଯାଜ୍ଞସେନୀ। ଯାଜ୍ଞସେନୀଙ୍କ ମନର ଅଭିମାନ, ବିଭିନ୍ନ ପ୍ରଶ୍ନ ଓ ଦ୍ୱନ୍ଦ୍ୱର ଉଚିତ୍ ଉତ୍ତର ଦେଇଥିଲେ ସଖା କୃଷ୍ଣ। ଅନେକ ସନ୍ତାପ, ଅନେକ ମାନସିକ ଯନ୍ତ୍ରଣାକୁ ମନରେ ଧାରଣ କରି ଦ୍ରୌପଦୀ ଯେଉଁ ଭଳି ଭାବରେ ନିରବରେ ନିଜ ଭାଗ୍ୟକୁ ସ୍ୱୀକାର କରିବାକୁ ବାଧ ହୋଇଥିଲେ, ସେଇ ପୃଷ୍ଠଭୂମିକୁ ଆଧାର କରି ବିଶିଷ୍ଟ ଔପନ୍ୟାସିକ ନୃସିଂହ ଚରଣ ସ 'ଇତି ମହାନାୟକ' ନାମରେ ଯେଉଁ ଉପନ୍ୟାସ ରଚନା କରିଥିଲେ ସେଇ ମହାନ ଉପନ୍ୟାସର ଲୋକାର୍ପଣ ଉତ୍ସବରେ ଅତିଥିମାନେ ଯୋଗଦେଇ ଏହି ମତ ପ୍ରଦାନ କରିଛନ୍ତି। ବାଲେଶ୍ୱର ଷ୍ଟେସନ କ୍ଲବ ସଭାଗୃହ ଠାରେ ୧୮ ତାରିଖ ସନ୍ଧ୍ୟାରେ କବି ଅଭୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡକ୍ଟର ରମାକାନ୍ତ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ କେଦାରନାଥ ସହାନ୍ତି ଏବଂ ଅତିଥିବକ୍ତା ଭାବରେ ଡକ୍ଟର ଭାଗବତ ବେହେରା, କବି କାଳୀପଦ ପଣ୍ଡା, ସାହିତ୍ୟିକ ପ୍ରଶାନ୍ତ ଦାସ, ଡକ୍ଟର ସନ୍ତୋଷ ନାୟକ, ଡକ୍ଟର ଅମରେନ୍ଦ୍ରଲାଲ୍ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୁରୁ ବ୍ରଜେଶ ପଣ୍ଡା, ଓ ପ୍ରକାଶିକା ମଞ୍ଜୁଲତା ବଳ ଆବାହନୀ ସଂଗୀତ ଗାନ କରିଥିଲେ। ଏହି ଅବସରରେ ନିକଟରେ ଶିକ୍ଷା, ସଂଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ବିଭିନ୍ନ ପୁରସ୍କାର ଲାଭ କରିଥିବା ଡକ୍ଟର ରମାକାନ୍ତ ବେହେରା, ବ୍ରଜେଶ ପଣ୍ଡା ଓ ମନୋରଞ୍ଜନ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭା ପରିଚାଳନାରେ ସହଯୋଗ କରିଥିଲେ ବିଦ୍ୟାଧର ନାୟକ, ଲଳିତ ମୋହନ ଦାସ, ନିତ୍ୟସୁନ୍ଦର ସ, ପ୍ରକାଶ ମହାପାତ୍ର, ଉଦ୍ଧବ ନାରାୟଣ ଦତ୍ତ ଏବଂ ପୂର୍ଣ୍ଣଚନ୍ଦ୍ର ମହାପାତ୍ର।

## ପୁସ୍ତକ ଲୋକାର୍ପଣ ଉତ୍ସବ

ଜୟପୁର, ୧୮/୧୧ (ନି.ପ୍ର): ଜୟପୁର ଫ୍ଲୋରେନ୍ସ ନାଇଟିଙ୍ଗେଲ ଏ.ଏନ.ଏମ. ତାଲିମ କେନ୍ଦ୍ର ପରିସରରେ କବି ଲକ୍ଷ୍ମୀକାନ୍ତ ପାଢ଼ିଙ୍କ ଦ୍ୱାରା ସଂକଳିତ ସମୀକ୍ଷା ପୁସ୍ତକ - ପ୍ରକାଶ ମହାନନ୍ଦିଆଙ୍କ ସୃଷ୍ଟି ସମଗ୍ର :ଏକ ନାନ୍ଦନିକ ହୃଦୟନ ଏବଂ କବି ପ୍ରକାଶ ମହାନନ୍ଦିଆଙ୍କ ହାଇକୁ ପୁସ୍ତକ ନବ ପଲ୍ଲବ ଲୋକାର୍ପିତ ହୋଇଯାଇଛି। କବି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାବନ୍ଧିକ ଲକ୍ଷ୍ମୀକାନ୍ତ ପାଢ଼ି, ମୁଖ୍ୟବକ୍ତା ଭାବେ ପ୍ରମେୟ ଜୟପୁର ସଂସ୍କରଣର ମୁଖ୍ୟ ପରିଚାଳକ ପ୍ରକାଶ ଚନ୍ଦ୍ର ଦାଶ, ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ କବି ଡ. କମଳାକୃଷ୍ଣ ତ୍ରିପାଠୀ ଯୋଗଦେଇ ପୁସ୍ତକ ସମ୍ପର୍କରେ ସ୍ୱ ସ୍ୱ ବକ୍ତବ୍ୟ ରଖିଥିଲେ। ହାଇକୁ ପୁସ୍ତକର ରଚୟିତା କବି ପ୍ରକାଶ ମହାନନ୍ଦିଆ ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି କୃଷ୍ଣଚନ୍ଦ୍ର ହୋତା ଅତିଥି ଆମନ୍ତ୍ରଣ ଓ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ କବୟିତ୍ରୀ ଶୋଭାଗିନୀ ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀମତୀ ଗ୍ରେସିୟସ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ମହିମାମଣ୍ଡିତ କରିଥିବା ସହିତ୍ୟାନୁରାଗୀଗଣ ହେଲେ- ବିଜୟ ନାରାୟଣ ପାତ୍ର, ନଳିନୀରଞ୍ଜନ ମିଶ୍ର, ଅଶୋକ ମହାରଣା, ଅଶୋକ କୁମାର ପୋଲେଇ, ଜାନକୀ ପାଣିଗ୍ରାହୀ, ପ୍ରମୋଦ ରାଉଳ, ଉଦୟ ଆଶା, ଅଭିମନ୍ୟୁ ବେହ୍ୟାଙ୍କ ସମେତ ଅନୁଷ୍ଠାନର ଛାତ୍ରୀଗଣ ଉପସ୍ଥିତ ଥିଲେ।

# ମରୁଡ଼ି ପରିସ୍ଥିତି, ଚିନ୍ତାରେ ଚାଷୀ

ମୁଖୀଗୁଡା, ୧୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲ ଅନ୍ତର୍ଗତ ଧନସୁଲି ଗ୍ରାମପଂଚାୟତର ସାସୁଗୁଡା ଗ୍ରାମର ବହୁ ଚାଷଜମିରେ ନିଅଂଟିଆ ବର୍ଷା ଯଗୁଁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଶେଷରେ ଚାଷୀ ଧାନ ଜମିରେ ଗାଈଗୋରୁ ଚରିବାକୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ତେବେ ଏ ନେଇ ସସୁଗୁଡାର ଅନେକ ଚାଷୀ ଜୟପାଟଣା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଆଉ କେତେଦିନ ପରେ କଳାହାଣ୍ଡି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଯିବ। କିନ୍ତୁ ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଂଚାୟତର ସାସୁଗୁଡ଼ା ଗ୍ରାମର ଚାଷୀ ଚିନ୍ତାରେ ବୁଡି ରହିଛନ୍ତି। ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ବିଳମ୍ବରେ ଏଠାକାର ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପରବର୍ତୀ ସମୟରେ ପାଣି ଅଭାବରୁ ତାଙ୍କର ଚାଷଜମି ଗୁଡିକ ଶୁଖିଯାଇଛି। ଯାହାଫଳରେ ଧାନ ଗଛ ଓ କେଣ୍ଡା ଶୁଖି ନଷ୍ଟ ହୋଇଯାଇଛି। ଶେଷରେ କୌଣସି ଉପାୟ ନପାଇ ସେମାନେ ଗାଈଗୋରୁକୁ ଚରିବା ପାଇଁ ଛାଡି ଦେଇଛନ୍ତି। ଚାଷୀମାନେ ବିଭିନ୍ନ ଋଣ କରଜ କରି ଚାଷ କାର୍ଯ୍ୟ କରିଥିବା ବେଳେ ବର୍ତମାନ କିପରି ଋଣ ପରିଶୋଧ କରିବେ ଓ ପରିବାର ପ୍ରତିପୋଷଣ କରିବେ ସେ ଚିନ୍ତାରେ ରହିଛନ୍ତି। ମଙ୍ଗଳପୁର ଡ୍ୟାମ ଦ୍ୱାରା ବାମ, ଡାହାଣ କେନାଲ ଓ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଶହ ଶହ ହେକ୍ଟର ଜମିରେ ଜଳସେଚନ ହେଉଛି। କିନ୍ତୁ, ସସୁଗୁଡ଼ା ଅଂଚଳ ଉଚ୍ଚରେ ଥିବା ଯେଗୁ ଜଳସେଚନର ବ୍ୟବସ୍ଥା ହୋଇପାରି ନାହିଁ। ଅଗଷ୍ଟ ମାସରେ କିଛି ବର୍ଷା ହେବା ଯୋଗୁଁ ଚାଷୀ ଧାର କରଜ କରି ସାର, କୀଟନାଶକ ଔଷଧ ପ୍ରୟୋଗ କରି ଧାନର ଉଚିତ ଯତ୍ନ ନେଇଥିଲେ। କିନ୍ତୁ ଧାନ ଫସଲ ଅମଳ ଶେଷ ବେଳକୁ ପାଣି ଅଭାବରୁ ଗଛ ଶୁଖି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ତେବେ ଏହି ଅଂଚଳରେ ଏକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି ଚାଷୀମାନେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଆ ଓ ସଂସ୍କୃତ ଭାଷା ....

ମୋଦୀଙ୍କ ସ୍ୱଚ୍ଛ ଭାରତ ଓ ସାମାଜିକ ନ୍ୟାୟ ଏବଂ ଗରିବ କଲ୍ୟାଣକାରୀ ଏବଂ ନାରୀ ସଶକ୍ତୀକରଣ ଯୋଜନାରେ ପ୍ରତିଫଳିତ ହୋଇଛି। ପାଞ୍ଚଶହ ବର୍ଷ ପୂର୍ବରୁ ବଳରାମ ଦାସ ଲକ୍ଷ୍ମୀ ପୁରାଣ ମାଧ୍ୟମରେ ଶ୍ରୀୟା ଚଣ୍ଡାଳୁଣୀର କଥା ଚରିତ୍ରକୁ ବର୍ଣ୍ଣନା କରି ମହିଳା ସଶକ୍ତିକରଣର କଥା କହିଥିଲେ। ସାମାଜିକ ସମରସତା, ଛୁଆଁ ଅଛୁଆଁ ଭେଦଭାବ, ମହିଳା ଅଧିକାର, ନାରୀ ସଶକ୍ତିକରଣ, ଅଧିକାରବାଦ ଏବଂ ସ୍ୱଚ୍ଛ ଭାରତ ଲକ୍ଷ୍ମୀ ପୁରାଣର ସାମାଜିକ ତତ୍ତ୍ୱ ଅଟେ। ଏହା ଥିଲା ସମାଜ ଜୀବନର ନିଚ୍ଛକ ପ୍ରତିଫଳନ। ଅତୀତରେ ମହାତ୍ମା ଗାନ୍ଧୀ ପୁରୀ ଆସି ଦଳିତ ମାନଙ୍କ ମନ୍ଦିର ପ୍ରବେଶ ଅଧିକାର ନ ଥିବାରୁ ଏହାର ବିରୋଧ କରିଥିଲେ। ମାତ୍ର ଗାନ୍ଧିଙ୍କ ଓଡ଼ିଶା ଆସିବାର ପାଖାପାଖି ଅନେକ ବର୍ଷ ପୂର୍ବରୁ ସିଦ୍ଧ ବଳରାମ ଦାସ ଜାତିପ୍ରଥା ବିରୁଦ୍ଧରେ ଶାଣିତ ସ୍ୱର ଉତ୍ତୋଳନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ସଂସ୍କୃତ ହେଉଛି ବିଶ୍ୱର ବୈଜ୍ଞାନିକ ଭାଷା। କମ୍ପ୍ୟୁଟର କୋଡିଂ ବନାଇବାର ସବୁଠୁ ସୁଗମ ଭାଷା ହେଉଛି ସଂସ୍କୃତ ଭାଷା। ପ୍ରାଚୀନ ସଂସ୍କୃତ ଭାଷା ନିଜ ଭାଷାରେ ପରିପୂର୍ଣ୍ଣ। ବେଦର ଭାଷା ହେଉଛି ସଂସ୍କୃତ ଭାଷା। ବେଦ ଭାଷାରେ ଚିକିତ୍ସା, ନ୍ୟାୟ ଶାସ୍ତ୍ର, ରାଜନୀତି, ସମାଜ ନୀତି, ଇତିହାସ, ମେଟ୍ରୋଲୋଜି ଏବଂ ବେଦବିଦ୍ୟା ସଂସ୍କୃତ ଭାଷାରେ ପ୍ରାଚୀନ କାଳରୁ ଲେଖାହୋଇଛି। ବିଶ୍ୱକୁ ଜ୍ଞାନ ଦେବାର ଶକ୍ତି ସଂସ୍କୃତି ପାଖରେ ଅଛି। ସଂସ୍କୃତ ଭାଷା ଆଗାମୀ ଦିନରେ ଆମ ସମସ୍ତ ଭାଷାର ମାତୃଭାଷା ଭାବରେ କାମ କରିବ। ତେଣୁ ସଂସ୍କୃତ ପାଠପଢି କେବଳ ଶିକ୍ଷକ ହେବାର ଲକ୍ଷ୍ୟ ନ ରଖି ବିଶ୍ୱକୁ ଦିଗଦର୍ଶନ ଦେବାର ଲକ୍ଷ୍ୟ ରଖିବାକୁ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପିକାଙ୍କୁ ପରାମର୍ଶ ଦେଇଛନ୍ତି। ହଜାର ହଜାର ବର୍ଷ ପୂର୍ବରୁ ସାରଳା ଦାସ ସଂସ୍କୃତ ଭାଷାରୁ ଓଡ଼ିଆ ମହାଭାରତ ଲେଖିଥିଲେ। ବଳରାମ ଦାସ ସଂସ୍କୃତ ଭାଷାରୁ ଦାଣ୍ଡି ବା ଜଗମୋହନ ରାମାୟଣ ଲେଖିଥିଲେ। ଜଗନ୍ନାଥ ଦାଶ ଓଡ଼ିଆ ଭାଗବତ ଏବଂ ଅଚ୍ୟୁତାନନ୍ଦ ଦାସ କେଉଁ ଭାଷାରୁ ମାଳିକା ଲେଖିଥିଲେ। ଭାରତ ସରକାର ସେଥିପାଇଁ ସର୍ବବିଦ୍ୟାର ଆଦ୍ୟଗ୍ରନ୍ଥ ବେଦକୁ ଅଧ୍ୟୟନ କରିବା ପାଇଁ ଉଜ୍ଜୟିନୀର ଗୋଟିଏ ଶାଖା ଏଠାରେ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ହିଁ ଭାରତର ସବୁ ସଂସ୍କୃତ ଅନୁଷ୍ଠାନକୁ ମର୍ଯ୍ୟାଦା ଦିଆଯିବା ସହ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କଳ୍ପନା କରାଯାଇଛି। ଜାତୀୟ ଶିକ୍ଷା ନୀତିରେ ସଂସ୍କୃତ ଭାଷା ସହ ସବୁ ଭାରତୀୟ ଭାଷାକୁ ମହତ୍ତ୍ୱ ଦିଆଯାଇଛି।

## ଅବସର ନେବାକୁ ସୁନୀଲ...

ଏହି ଅଫିସରଙ୍କ ତାଲିକା ପଠାଯାଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅଧିକାଂଶ ୟୁପିଏସସିଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁନଥିବା ଜଣାପଡ଼ିଛି। ଗୃହ ବିଭାଗର ସୂତ୍ର ଅନୁସାରେ, ପରବର୍ତ୍ତୀ ପୁଲିସ ଡିଜି ଚୟନ ନିମନ୍ତେ ରାଜ୍ୟ ସରକାର ବରିଷ୍ଠ ଆଇପିଏସଙ୍କ ତାଲିକା ପଠାଇବା ପାଇଁ ୟୁପିଏସସିଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରସ୍ତାବରେ ମୋଟ୍ ୯ଟି ସର୍ତ୍ତାବଳୀ ରହିଛି। ସେଥିରେ ୫,୬,୭ ଓ ୯ ନମ୍ବରର ସର୍ତ୍ତାବଳୀକୁ ନେଇ ସମସ୍ୟା ରହିଛି। ବିଶେଷକରି ସମ୍ପୃକ୍ତ ଅଫିସରଙ୍କ ଚରିତ୍ର ପଞ୍ଜିକା, ଚାକିରି କାଳ ମଧ୍ୟରେ କୌଣସି ପ୍ରତିକୂଳ ମନ୍ତବ୍ୟ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ତଥ୍ୟ ଦେବାର ପ୍ରାବଧାନ ରହିଛି। ନବମ ସର୍ତ୍ତାବଳୀ ଭାବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ୧୯୬୬ ମସିହା ଜୁଲାଇ ୨୮ତାରିଖର ନିର୍ଦ୍ଦେଶାନାମ ଅନୁରୂପ 'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍' ଦେବାର ପ୍ରାବଧାନ ବି ରହିଛି। ଏହି ୫,୬,୭ ଓ ୯ ସର୍ତ୍ତାବଳୀ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁଛି। ତେଣୁ ବିଭିନ୍ନ କାରଣ ଯୋଗୁ ଏସବୁ ସର୍ତ୍ତାବଳୀ ପୂରଣ କରିବାରେ ଅରୁଣ ରାୟ, ଏସଏମ ନରୱଣେ, ୱାଇବି ଖୁରାନିଆ ଓ ସୁଧାଂଶୁ ଷଡ଼ଙ୍ଗୀ ପୂରଣ କରୁନଥିବା ଜଣାପଡ଼ିଛି। ତେଣୁ ପରବର୍ତ୍ତୀ ପୁଲିସ ଡିଜି ଭାବେ ୟୁପିଏସସି କର୍ତ୍ତୃପକ୍ଷ ଯେଉଁ ୩ଜଣ ଆଇପିଏସଙ୍କ ନାଁ ରାଜ୍ୟକୁ ପଠାଇବେ ସେଥିରେ ଏଏମ୍ ପ୍ରସାଦ, ବି.ରାଧିକା ଓ ଅରୁଣ ଷଡ଼ଙ୍ଗୀ ରହିବେ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି। ଆଉ ଏହି ୩ଜଣଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟ ସରକାର ପୁଲିସ ଡିଜି ଭାବେ ଚୟନ କରିପାରିବେ। ତେଣୁ ପୁଲିସ ଡିଜି ଦୌଡ଼ରେ ବି.ରାଧିକା ନା ଅରୁଣ ଷଡ଼ଙ୍ଗୀଙ୍କ ମଧ୍ୟରୁ ସରକାର କାହାକୁ ଅଧିକ ପସନ୍ଦ କରିବେ ତାହା ଏବେବି ଅସ୍ପଷ୍ଟ ବୋଲି ପାୱାର କରିଡରରେ ଚର୍ଚ୍ଚା ହେଉଛି।

## ଜନ୍ମମାଟିକୁ ଆସୁଛନ୍ତି ...

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହା ସହିତ ଉକ୍ତ ସମ୍ମିଳନୀରେ ମହାମହିମ ରାଜ୍ୟପାଳ ରଘୁବର ଦାସ,ଝାଡ଼ଗ୍ରାମ ଲୋକସଭା ସଂସଦ କୁଆଁର ହେମ୍ବ୍ରମ୍, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।ରାଷ୍ଟ୍ରପତି ହେବାପରେ ଜନ୍ମମାଟି କୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ ହୋଇଥିବା ବେଳେ ଗତ ମେ ମାସ ୪ତାରିଖରେ ମୟୂରଭଞ୍ଜ ଜିଲ୍ଲାକୁ ୩ଦିନିଆ ଗସ୍ତରେ ଆସିଥିଲେ ରାଷ୍ଟ୍ରପତି। ରାଷ୍ଟ୍ରପତିଙ୍କର ଏହି ଗସ୍ତରେ ଯେମିତି ପୂର୍ବ ଭଳି କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ। ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ୨୦ ତାରିଖ ସୋମବାର ଦିନ ସକାଳ ୧୦ ଟା ୪୫ ମିନିଟରେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରୁ ବାହାରି ବାୟୁସେନାର ସ୍ୱତନ୍ତ୍ର ଏରୋପ୍ଲେନ୍ ଯୋଗେ ପଶ୍ଚିମବଙ୍ଗର କଲେଇକୁଣ୍ଡାରେ ପହଞ୍ଚିବା ପରେ ସେଠାରୁ ହେଲିକପ୍ଟର ଯୋଗେ ଅପରାହ୍ନ ୧ଟା ୪୫ମିନିଟ ସମୟରେ ବାହାରି ବାରିପଦା ସ୍ଥିତ ହେଲିପ୍ୟାଡରେ ପଦାର୍ପଣ କରିବେ। ପରେ ୩ଟା ୩୫ ପର୍ଯ୍ୟନ୍ତ ବାରିପଦା ଶହୀଦ ସ୍ମୃତିଭବନ ଠାରେ ପହଞ୍ଚି ଏହି ସାନ୍ତାଳୀ ଲେଖକ ସଙ୍ଘର ବାର୍ଷିକ ସମ୍ମୀଳନୀରେ ଯୋଗ ଦେଇ ଉଦବୋଧନ ଦେବେ ମହାମହିମ ଶ୍ରୀମତୀ ମୁର୍ମୁ। ଏନେଇ ଆଜି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସହିଦସ୍ମୃତି ଭବନ ଠାରେ ପହଞ୍ଚି ମହାମହିମଙ୍କ ଗସ୍ତକୁ ନେଇ ଚାଲିଥିବା ପ୍ରସ୍ତୁତି ର ତଦାରଖ କରିବା ସହ ରାଷ୍ଟ୍ରପତି ଙ୍କ କାର୍ଯ୍ୟକ୍ରମ କୁ ସଠିକ୍ ଭାବେ ତୁଲାଇବା ପାଇଁ ସବୁପ୍ରକାର ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।

## ବଢୁଛି ଇଣ୍ଡିଆ ମେଂଟରେ ...

ପୂର୍ବରୁ ମଧ୍ୟପ୍ରଦେଶରେ ଟିକେଟ ବଂଟାକୁ ନେଇ ସପା-କଂଗ୍ରେସ ମଧ୍ୟରେ ଲାଗିଥିବା କଳି ଏବେ ଏହା ଉଗ୍ରରୂପ ଧାରଣ କରିଛି। ୨୦୨୪ ନିର୍ବାଚନରେ ବିଜେପିକୁ ଶାସନ ଗାଦିରୁ ଦୂରେଇ ରଖିବାକୁ ବିରୋଧି ଦଳ ମାନଙ୍କୁ ନେଇ ଇଣ୍ଡିଆ ମେଂଟ ଗଠନ ହୋଇଥିବା ବେଳେ ଏହା ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି।

# ପାରାଦୀପ ରିଫାଇନାରୀ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସହାୟତା ସାମଗ୍ରୀ ପ୍ରଦାନ



ପାରାଦୀପ, ୧୮/୧୧ (ନି.ପ୍ର): କୁଜଙ୍ଗ ସୂଚନା ଭବନ ପରିସରରେ ପାରାଦୀପ ରିଫାଇନାରୀ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସହାୟତା ସାମଗ୍ରୀ ପ୍ରଦାନ କାର୍ଯ୍ୟକ୍ରମ ଶନିବାର ଦିନ ଆୟୋଜିତ ହୋଇଥିଲା। ମାନ୍ୟବର ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ବ୍ୟକ୍ତି ଓ ବରିଷ୍ଠ ନାଗରିକ ମାନଙ୍କୁ ମୋଟରଯୁକ୍ତ ଟ୍ରାଇସାଇକେଲ, ଟ୍ରାଇସାଇକେଲ, ହ୍ୱିଲ ଚେୟାର ଓ ଶ୍ରବଣ ଯନ୍ତ୍ର ଇତ୍ୟାଦି ବଣ୍ଟନ କରିଥିଲା। ବିଧାୟକ ଶ୍ରୀଯୁକ୍ତ ସମ୍ବିତ ରାଉତରାୟ ଏ ଭଳି ଲୋକାଭିମୁଖୀ କାର୍ଯ୍ୟ ପାଇଁ ପାରାଦୀପ ତୈଳ ବିଶୋଧନାଗାରକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟ ଜାରି ରଖିବା ପାଇଁ ପ୍ରୋତ୍ସାହିତ କରାଥିଲେ, ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଆର୍ଟିଫିସିଆଲ୍ ଲିମ୍ବ ମାନୁଫାକ୍ଚରିଂ କର୍ପୋରେସନ ଅଫ୍ ଇଣ୍ଡିଆ)ର ସହଯୋଗରେ ପାରାଦୀପ ରିଫାଇନାରୀର ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ୧୪୫ଜଣ ଦିବ୍ୟାଙ୍ଗଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ, ପାରାଦୀପ ତୈଳ ବିଶୋଧନାଗାରର ମହାପ୍ରବନ୍ଧକ ( ମାନବ ସମ୍ବଳ) ସୁଶ୍ରୀ ମମତା ସାହୁ ସୂଚନା ଦେଇ କହିଥିଲେ ଯେ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଆର୍ଟିଫିସିଆଲ୍ ଲିମ୍ବ ମାନୁଫାକ୍ଚରିଂ କର୍ପୋରେସନ ଅଫ୍ ଇଣ୍ଡିଆ) ଜରିଆରେ ପାଖାପାଖି ୪ହଜାର ଲୋକଙ୍କୁ ସହାୟକ ଉପକରଣ ବଣ୍ଟନ କରାଯିବ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଜିଲ୍ଲାରେ ଆର୍ଟିଫିସିଆଲ ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କୁ ସକ୍ଷମ ସହ ସଶକ୍ତିକରଣ କରିବା ପାଇଁ ସହାୟକ ହେବ, ଏହାବ୍ୟତୀତ ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ପରିକଳ୍ପନା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଦେଶର ସାମଗ୍ରିକ ବିକାଶ ଏବଂ ଜନସାଧାରଣଙ୍କ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟସେବା, ଶିକ୍ଷା,ପାନୀୟ ଜଳ, ଗ୍ରାମ୍ୟ ବିକାଶ ଏବଂ ସ୍ୱଚ୍ଛ ଭାରତ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସାମିଲ କରାଯାଇ ଏଥି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି।

ରବିବାର, ନଭେମ୍ବର ୧୯, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୨୦ରୁ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୬ ଦିନିଆ ଓଡ଼ିଶା ଗସ୍ତ

ଛତିଶଗଡ଼/ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆସନ୍ତା ୨୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ଛତିଶଗଡ଼ ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଓଡ଼ିଶା ଗସ୍ତର ପ୍ରଥମ ଦିବସ ତଥା ୨୦ ତାରିଖ ପୂର୍ବାହ୍ନରେ ରାୟପୁର ବିମାନବନ୍ଦରୁ ବାହାରି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ଅବତରଣ କରି ନିଜସ୍ୱ ବାସଭବନକୁ ଯିବେ ଏବଂ ସଂଧ୍ୟାରେ କଟକର ଶତାବ୍ଦି ଭବନ ଠାରେ ଅନୁଷ୍ଠିତ ଫତୁରାନନ୍ଦ ସ୍ମୃତି ସମାରୋହ ଆନୁକୂଲ୍ୟରେ କାନ୍ତକବି ସମ୍ମାନ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରାଜ୍ୟପାଳ ଶ୍ରୀ ହରିଚନ୍ଦନଙ୍କର ଅନ୍ୟଦିବସ ମାନଙ୍କ ଭିତରେ ୨୧ ତାରିଖ ଦିନ ପୂର୍ବାହ୍ନରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଠାରେ ଅନୁଷ୍ଠିତ କଳିଙ୍ଗକେଶରୀ ଡ. ହରେକୃଷ୍ଣ ମହତାବଙ୍କର ୧୨୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବରେ ଯୋଗଦେବେ । ପରେ ପରେ କିଟ୍ ୟୁନିଭରସିଟି ଠାରେ ଅନୁଷ୍ଠିତ ୭ମ ଜାତୀୟ ମିଡ଼ିଆ କନ୍‌କ୍ଲେଭ – ୨୦୨୩ରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ୨୩ ତାରିଖ ଦିନ ପୂର୍ବାହ୍ନରେ ଜୟଦେବ ଭବନ ଭୁବନେଶ୍ୱର ଠାରେ ବିଶ୍ୱ ମାନବିକ ଅଧିକାର ସୁରକ୍ଷା ସଂଗଠନ ଆନୁକୂଲ୍ୟରେ 'ମା', ମାଟି, ମାନବିଧିକାର' ଉପରେ ଆୟୋଜିତ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଏବଂ ୨୫ ତାରିଖ ପୂର୍ବାହ୍ନରେ କିଟ୍ ଓ କିସ୍ ୟୁନିଭରସିଟି, କନଭେନ୍‌ସେଂଟର, ଭୁବନେଶ୍ୱର ଠାରେ କିସ୍ ୟୁନିଭରସିଟିର ତୃତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି। ସେହିପରି ଭାବରେ ଛତିଶଗଡ଼ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ୨୨ ଓ ୨୪ ତାରିଖରେ ତାଙ୍କର ପୂର୍ବନିର୍ଦ୍ଧାରିତ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ଯୋଗଦେବେ ଓ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ଏବଂ ୨୬ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ବିମାନବନ୍ଦନରରୁ ରାୟପୁର ରାଜଭବନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିବା ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି।

## ସନ୍ତରାଗଡିଆ କାଳୀପୂଜା ମହୋତ୍ସବ ଅନୁଷ୍ଠିତ



ନୀଳଗିରି , ୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତ ସନ୍ତରାଗଡିଆ କାଳୀପୂଜା କମିଟି ତରଫରୁ କାଳୀପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରଥମ ସନ୍ଧ୍ୟାରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସମାଜସେବୀ ଦୀପକ ରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହାକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ବିଜେଡି ଯୁବ ସଭାପତି ତାପସ ପରିଡା ଉପସ୍ଥିତ ରହି ନିଜ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ଫଳରେ ଅଞ୍ଚଳରେ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଏସଡିସି ଚେୟାରମ୍ୟାନ ମଦନ ମୋହନ ମାଝୀ,ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବି ଅମେରେନ୍ଦ୍ର ପଟ୍ଟନାୟକ, ଭାସ୍କର ଚନ୍ଦ୍ର ବେହେରା,ଶ୍ୟାମସୁନ୍ଦରପୁର ପଂଚାୟତ ସରପଞ୍ଚ ପୁରଷ୍ତମ ସେଠି ଉପସ୍ଥିତ ଥିଲେ। ପଦ୍ୟୁମ୍ନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଳୀପୂଜା କମିଟି ସଭାପତି ହିମାଂଶୁଶେଖର ସେନାପତି, କପିଳ ସାମଲ, ସାଗରେନ୍ଦ୍ର ମିଶ୍ର,ରତ୍ନାକର ନନ୍ଦ,ରାଜୀବ କୁମାର ପାଣିଗ୍ରାହୀ, ଦିପୁ ସ୍ୱାଇଁ,ଗଣେଶ ଚନ୍ଦ୍ର ରଣା, କାଳିଆ ବାରିକ, ମୁନା ରାଉତ, କୈଳାଶ ଚନ୍ଦ୍ର ରାଉତ, ପପୁ ଗୋସେଇଁ, ଲକ୍ଷ୍ମୀଧର ପଣ୍ଡା, ମନରୋଞ୍ଜନ ସାମଲ,ଅଭିଷେକ ଦାଶ, ଟିକିନା ବାରିକ, ଗଦାଧର ରାଉତ, ଉଦୟ କୁମାର ମହାନ୍ତିଙ୍କ ସହ ବହୁ କମିଟି ସଦସ୍ୟ ଉପସ୍ଥିତ ରହି ଉକ୍ତ ମହୋତ୍ସବ ର କାର୍ଯ୍ୟକ୍ରମ କୁ ସୂଚାର ରୂପେ ତଦାରଖ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଆଯୁବ ସେନସେସନ ସିଙ୍ଗର ସତ୍ୟଜିତ ପ୍ରଧାନଙ୍କ ଗୀତରେ ହଜାର ହଜାର ଦର୍ଶକ ମନୋଭରି ଉପଭୋଗ କରି ଝୁମି ଉଠିଥିଲେ।

## ଗଙ୍ଗାଧର ହେଉଛନ୍ତି ଆଧୁନିକତାର ଅନ୍ତର୍ଧ୍ୱନି: ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ବାଣୀବିହାର , ୧୮/୧୧ (ନି.ପ୍ର): ଓଡ଼ିଶାର ସର୍ବ ପୁରାତନ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ ସମ୍ପ୍ରତି ଭିଜିଟିଂ ପ୍ରଫେସର ଭାବରେ ଅବସ୍ଥାପିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ମଣୀନ୍ଦ୍ର କୁମାର ମେହେର, କବି ଗଙ୍ଗାଧର ହେଉଛନ୍ତି ବାସ୍ତବରେ ଆଧୁନିକତାର ଅନ୍ତର୍ଧ୍ୱନି ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରତିପାଦନ କରିଛନ୍ତି । କବିଙ୍କ ରଚିତ ଶ୍ରେଷ୍ଠ କାବ୍ୟ ତପସ୍ୱିନୀ, ପ୍ରଣୟବଲ୍ଲରୀ ଓ ଶ୍ରେଷ୍ଠ କବିତା ଭକ୍ତି, ମଧୁମୟ, ଅମୃତମୟ, ଖଦ୍ୟୋତର ଖେଦ, ବିଦୂର ପ୍ରଜାଗର ପ୍ରଭୃତି କବିତାର ଅନ୍ତଃସ୍ୱର ଉନ୍ମୋଚନ କରି, ମଣିଷର ଅନ୍ତର୍ନିହିତ ଉତ୍ତରଣକୁ କିପରି କବି ବିନମ୍ର ଅଥଚ ପ୍ରଭାଦୀପ୍ତ ଭାବରେ ପ୍ରକଟିତ କରିପାରିଛନ୍ତି ତଥା ଜୀବନ ପ୍ରତି ସୁଗଭୀର ଅକ୍ଷସ୍ଥାଶୀଳତା ସୃଷ୍ଟି କରିବାରେ ଅତୁଳନୀୟ ଆନ୍ତରିକତାର ପରିଚୟ ଦେଇଛନ୍ତି, ତାହା ଅତି ଆକର୍ଷଣୀୟ ଭାବରେ ବିଶ୍ଳେଷଣ କରିଛନ୍ତି ପ୍ରଫେସର ମେହେର । ପାଠଚକ୍ରରେ ଅତିଥି ଅଧ୍ୟାପିକା ନିବେଦିତା ଜେନା ଓ ଅଧ୍ୟାପକ ଆନପା ମାର୍ଣ୍ଡି ପ୍ରଫେସର ମେହେରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ର ଶ୍ରୀଧର ମହାରଣା ସଭା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ନିବେଦିତା ଜେନା । ମଙ୍ଗଳେ ଅଇଲା ଉଷା ସୁଲଳିତ କଣ୍ଠରେ ଗାନ କରିଥିଲେ ଛାତ୍ରୀ ମିନାକ୍ଷୀ ସାମଲ । ପ୍ରଫେସର ମେହେର ଫକୀରମୋହନ ବିଶ୍ୱବିଦ୍ୟାଳୟ ରୁ ଅବସର ଗ୍ରହଣ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେ ଭିଜିଟିଂ ପ୍ରଫେସର ଭାବରେ ଯୋଗ ଦେଇଛନ୍ତି । ଉଲ୍ଲେଖନୀୟ ଯେ, ପୂର୍ବରୁ ଏଠାରେ ବିଭାଗ-ମୁଖ୍ୟ ଭାବରେ କାର୍ଯ୍ୟ ସମ୍ପାଦନ କରି ସେ ପ୍ରଶଂସିତ ହୋଇଥିଲେ । ତେଣୁ ତାଙ୍କ ପୁନଃ ଆଗମନ ଦ୍ୱାରା ଓଡ଼ିଆ ବିଭାଗ ପୂର୍ବପରି ପୁଣି ଚଳଚଞ୍ଚଳ ହୋଇଉଠିଥିବା ଓ ଛାତ୍ରଛାତ୍ରୀମାନେ ବିଶେଷ ଉତ୍ସାହ ଅନୁଭବ କରୁଥିବା ପରିଲକ୍ଷିତ ହେଉଛି ।

## ଅଟଳବିହାରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାସୁଦେବପୁର, ୧୮/୧୧ (ନି.ପ୍ର): ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ରେଡ କ୍ରସ ଓ ଏନ ଏସ ଏସ ର ମିଳିତ ସହଯୋଗ ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ଅଧ୍ୟକ୍ଷ ଡ଼କ୍ଟର ବସନ୍ତ କୁମାର ବଳ । ନୋଡାଲ ଅଫିସର ଡ଼କ୍ଟର ରାଜେନ୍ଦ୍ର ବେହେରା, ଅଧ୍ୟାପକ ବିଜୟ ଅଗସ୍ତି, ଅଧ୍ୟାପିକା ସୁଜାତା ମହାପାତ୍ର, ଚନ୍ଦନା ସାହୁ, ହିମାନି ସେଠି, ତପସ୍ୱିନୀ ରଥ, ପ୍ରତାପ ବେହେରା, ଗିରିଶ ଚନ୍ଦ୍ର ପୋଥାଳ, ବିଷ୍ଣୁ ମୋହନ ସ୍ୱାଇଁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ସହଯୋଗ କରିଥିଲେ । ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଏହାକୁ ସମସ୍ତେ ପ୍ରଶଂସା କରିଛନ୍ତି । ସମୁଦାୟ ୭୦ ୟୁନିଟ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ପୁରାତନ ଛାତ୍ର ଛାତ୍ରୀ, ବର୍ତମାନ +୩ ପିଲାମାନେ ଓ ବାସୁଦେବପୁର ବାସୀ ରକ୍ତ ଦେଇଥିଲେ।



## ଦକ୍ଷତା ତାଲିମ୍ ପରାମର୍ଶ ଶିବିର ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ



ଭଦ୍ରକ , ୧୮/୧୧ (ନି.ପ୍ର): ପଞ୍ଚମ ଶ୍ରେଣୀ ପାସ୍‌ରୁ ଉର୍ଦ୍ଧ୍ୱ ଏବଂ ସ୍କୁଲ କଲେଜ ପାଠ୍ୟକ୍ରମ ମଝିରେ ପଢ଼ା ଛାଡ଼ିଥିବା ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାର ୭ଟି ଯାକ ବ୍ଲକ୍‌ରେ ବ୍ଲକ୍ ସ୍ତରୀୟ ଦକ୍ଷତା ତାଲିମ୍ ପରାମର୍ଶ ଶିବିର ଆୟୋଜନ ନେଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିବା କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ନିୟୋଜନ ଅଧିକାରୀ ଅନୀତା ନାୟକଙ୍କ ଠାରୁ ପ୍ରକାଶ। ଏହି ପରିପ୍ରେକ୍ଷୀରେ ନଭେମ୍ବର ୧ ତାରିଖରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସି ଜରିଆରେ ସଂପୃକ୍ତ ଅଧିକାରୀ ମାନଙ୍କୁ ନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ପ୍ରଶାସନର ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଶିବିର ଆୟୋଜନ ପାଇଁ ୨୧.୧୧.୨୦୨୩ ରୁ ୮.୧୨.୨୦୨୩ ମଧ୍ୟରେ ୭ଟି ବ୍ଲକ୍ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୨୧ରେ ଅଟଳ ବିହାରୀ ହାଇସ୍କୁଲ ପରିସରରେ ବାସୁଦେବପୁର ବ୍ଲକ୍ ପାଇଁ, ୨୯-୧୧-୨୦୨୩ରେ ବ୍ଲକ୍ ପରିସରରେ, ତିହିଡ଼ି ବ୍ଲକ୍ ପାଇଁ, ୩୦.୧୧.୨୦୨୩ରେ ବିଜୁ ସ୍ମୃତି ଭବନ ଠାରେ ଚାନ୍ଦବାଲି ବ୍ଲକ୍ ପାଇଁ ୦୨.୧୨.୨୦୨୩ରେ ବ୍ଲକ ପରିସରରେ ଧାମନଗର ବ୍ଲକ ପାଇଁ ୫.୧୨.୨୦୨୩ ରେ ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ୭.୧୨.୨୦୨୩ରେ ବ୍ଲକ୍ ସମ୍ମିଳନୀ ଗୃହରେ ବନ୍ତ ବ୍ଲକ୍ ପାଇଁ, ୮.୧୨.୨୦୨୩ରେ ଚୂନଟୀ ହାଇସ୍କୁଲରେ ଭଦ୍ରକ ବ୍ଲକ୍ ପାଇଁ ଏହି ଦକ୍ଷତା ବୃଦ୍ଧି ତାଲିମ୍ ପରାମର୍ଶ ଶିବିର ଆୟୋଜିତ ହେବାପାଇଁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ସମସ୍ତ ଶିବିର ପାଇଁ ଦିବା ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯୋଗ୍ୟକି ପ୍ରଶିକ୍ଷଣ ସମୟରେ ରହିବା, ଖାଦ୍ୟପେୟ, ପ୍ରଶିକ୍ଷଣ ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରାର୍ଥୀମାନେ ଇଚ୍ଛାମୁତାବକ ଟ୍ରେଡ଼ରେ ତାଲିମ୍ ନେଇ ପାରିବେ। ଇଚ୍ଛୁକ ଯୁବକ ଯୁବତୀମାନେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ଼, ଫଟୋ ସାଙ୍ଗରେ ନେଇ ଏହି ଶିବିରରେ ଯୋଗଦେଇ ପ୍ରଦତ୍ତ ସୁବିଧାର ସୁଯୋଗ ନେଇପାରିବେ। କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାମାନଙ୍କ ସହଭାଗିତାରେ ଚାହିଦା ଥିବା ସେକ୍ଟର ଗୁଡ଼ିକରେ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ଅବଧି ତାଲିମ୍ ପାଇଁ ଆୟୋଜିତ ହେଉଥିବା ଏହି ବ୍ଲକ୍ ସ୍ତରୀୟ ପରାମର୍ଶ ଶିବିର ମାନଙ୍କରେ ବହୁ ସଂଖ୍ୟାରେ ସ୍ଥାନୀୟ ବେକାର ଯୁବକ ଯୁବତୀମାନେ ସାମିଲ ହେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଉଛି।

## ପଶ୍ଚିମ ଓଡିଶା ଗୋପାଳନ ସମ୍ମିଳନୀ ଉଦ୍‌ଘାଟିତ

ସମ୍ବଲପୁର/ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଯୁବ ଉଦ୍ୟୋଗୀମାନେ ରାଜ୍ୟ ସରକାରଙ୍କ ନୂତନ କୃଷି ତଥା ପ୍ରାଣିସମ୍ପଦ ନୀତିର ଲାଭ ଉଠାଇ ସ୍ୱାବଲମ୍ବୀ ହେବା ସହ ନିଜସ୍ୱ ଆୟ ବୃଦ୍ଧି କରିପାରିବେ ଫଳରେ ସେମାନଙ୍କର ତଥା ସେମାନଙ୍କ ଅଂଚଳର ବିକାଶ ହୋଇପାରିବ ବୋଲି ମତ ବ୍ୟକ୍ତ କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ। ସମ୍ବଲପୁର ଜିଲ୍ଲାରେ ପଶ୍ଚିମଓଡିଶା ଗୋପାଳନସମ୍ମିଳନୀ– ୨୦୨୩ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ପରିଷଦର ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ । ଜିଲ୍ଲା ପ୍ରଶାସନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି। ଦୁଇ ଦିନ ଧରି ଏହି ସମ୍ମିଳନୀ ପିଏଚଡି ପଡିଆରେ ଅନୁଷ୍ଠିତ ହେବ । ସମ୍ମିଳନୀରେ ବିଭିନ୍ନ ଷ୍ଟଲ ବୁଲିବା ସହ ସଫଳ ଗୋପାଳକ ତଥା ଚାଷୀ, ଯୁବ ଉଦ୍ୟୋଗୀଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ତ୍ରିପାଠୀ । ଏହି ଅବସରରେ ସେ କହିଛନ୍ତି, ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀମାନେ ନିଜ ବ୍ୟବସାୟରେ ଅଭିବୃଦ୍ଧି କରିପାରିବେ । ଏହି ଉଦଘାଟନୀ ମେଳାରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗୀୟ ଶାସନ ସଚିବ ସୁରେଶ ବଶିଷ୍ଠ , ରେଢାଖୋଲ ବିଧାୟକ ହିତ୍ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କୁମୁଦିନୀ ନାୟକ, , ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ, ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅତିଥିବୃନ୍ଦ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ରାମଶଂକର ଜେନାଙ୍କ ପରଲୋକ

ଜଳେଶ୍ୱର ୧୮/୧୧: ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ପଂଚାୟତର ଆମ୍ବପୁଞ୍ଜା ଗାଁର ରାମଶଂକର ଜେନା (୮୨)ଙ୍କର ଗତ ସଂଧ୍ୟା ୬.୫୦ରେ ନିଜ ବାସଭବନରେ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଛି । ସେ ଜଳେଶ୍ୱର ବ୍ଲକର ଚୁଡାମଣିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ ନିଯୁକ୍ତି ପାଇ ଜଳକାପଡିଆ, ନେତୁଆ ଓ ବାଣିଦା ପ୍ରାଥମିକ ବିଦ୍ୟାଳୟରେ କୃତିତ୍ୱର ସହ ଶିକ୍ଷକତା କରିଥିଲେ। ୧୯୯୯ ମସିହାରେ ସେ ଅବସର ନେବାପରେ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ କରିଥିଲେ । ସେ ଜଣେ ସୁସଂଗଠକ, ଛାତ୍ରବତ୍ସଳ, ପରପୋକାରୀ, ଅନୁଷ୍ଠାନପ୍ରେମୀ ଭାବେ ପରିଚିତ ଥିଲେ । ମୃତ୍ୟୁବେଳେକୁ ତାଙ୍କ ନିକଟରେ ପୁଅ, ଝିଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ଆଜି ସକାଳ ୯.୩୦ରେ ଗାଁ ଶ୍ମଶାନରେ ବଡପୁଅ ରାଜୀବ ଜେନା ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ସଂଜୟ ଜେନା ଉପସ୍ଥିତ ଥିଲେ । ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ବ୍‌ଲକ ଅଧ୍ୟକ୍ଷ ମାନସ ଜେନା, ଗ୍ରାମ୍ୟମୁଖ୍ୟ ଚନ୍ଦ୍ରସେଖର ଚାନ୍ଦ, ସରପଂଚ ଲୋପାମୁଦ୍ରା ରାଉତ, ସମୀତୀ ସଦସ୍ୟ ତାରାମଣୀ ପରିଡା, ତନୁଜ ଜେନା, ଚିତ୍ତରଂଜନ ଜେନା, ଦିନେଶ ଜେନା, ବିର୍ଲାଟାୟର୍ସ ପୂର୍ବତନ ପ୍ରବନ୍ଧକ ପ୍ରଲ୍ଲଭ କୁମାର ମହାପାତ୍ର ଶେଷ ଦର୍ଶନ କରିଥିଲେ ।

## ସଦର ବିଜେପିର ବ୍ଲକ ଘେରାଓ




ବାଲେଶ୍ୱର, ୧୮/୧୧ (ନି.ପ୍ର): ଆଜି ବାଲେଶ୍ୱର ସଦର ବିଜେପି ତରଫରୁ ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୁଦ୍ଧରେ ସଦର ବ୍ଲକ ସମ୍ମୁଖରେ 'ଜନଆକ୍ରୋଶ ବ୍ଲକ ଘେରାଓ' କରାଯାଇଛି । ଶ୍ରୀ ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ବ୍ଲକ ଘେରାଓରେ ହଜାର ହଜାର ଲୋକ ସାମିଲ ହୋଇଥିଲେ । ପ୍ରଥମେ ସଦର ବିଜେପି କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରିଥିଲା। ଉକ୍ତ ରାଲି ଚିଡିଆପୋଲ ଦେଇ ସଦର ବ୍ଲକ ନିକଟରେ ପହଞ୍ଚିଥିଲା । ସେଠାରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଉକ୍ତ ସମାବେଶକୁ ପରିଚାଳନା କରିଥିଲେ। ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ରାଜ୍ୟର ନବୀନ ସରକାରଙ୍କର ସ୍ୱେଚ୍ଛାଚାରିତା, ପିସି କାରବାର, ମହାଦୁର୍ନୀତି ସଂପର୍କରେ କଡା ସମାଲୋଚନା କରିଥିଲେ । କେନ୍ଦ୍ରର ମୋଦୀ ସରକାର ରାଜ୍ୟ ସରକାରଙ୍କୁ ଚାହିଦା ଠାରୁ ଅଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେଇଥିଲେ ମଧ ଅପାରଗ ସରକାର ଦଳୀୟ ଭିତ୍ତିରେ ଘର ଦିଆଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ଆଜିବି ଘର ପାଇବାରୁ ବଂଚିତ ହୋଇ ରହିଛନ୍ତି। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ପ୍ରକଳ୍ପଗୁଡିକୁ ପଲ୍ଲୀସଭା ଓ ଗ୍ରାମସଭା ନକରି ଏବଂ ନିର୍ବାଚିତ ଜନପ୍ରତିନିଧି ମାନଙ୍କ ମତାମତ ନ ନେଇ ସେମାନଙ୍କୁ ସଂପୂର୍ଣ୍ଣ ଅଣଦେଖା କରି ଅନୁମୋଦନ କରିବାର ଅର୍ଥ ଗଣତନ୍ତ୍ରର କଣ୍ଠରୋଧ କରିବା ସହିତ ସମାନ । ମନରେଗାରେ ପ୍ରକୃତ ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ନଯାଇ ଚଞ୍ଚକତା କରି ହଡପ କରାଯାଉଛି । ସରକାରୀ କର୍ମଚାରୀ ଦଳୀୟ ମନୋବୃତ୍ତି ନେଇ କାର୍ଯ୍ୟ କରୁଥିବାରୁ ଲୋକଙ୍କୁ ପ୍ରକୃତ ନ୍ୟାୟ ମିଳୁନାହିଁ, ଯାହା ଫଳରେ ନବୀନ ବାବୁଙ୍କର ମୋ ସରକାର ଏକ ପ୍ରହସନ ପାଲଟିଛି । ରାଜ୍ୟରେ ପଞ୍ଚାୟତରୁ ନେଇ ବ୍ଲକ ପର୍ଯ୍ୟନ୍ତ ଚାଲିଥିବା ୫୦% ପିସି କାରବାର। ବିନା ପିସିରେ କାମରେ ଫାଇଲ ଆଗତ ନାହିଁ । ତେଣୁ ଆଜିକାର 'ଜନଆକ୍ରୋଶ ସଭା' ଜରିଆରେ ଭାରତୀୟ ଜନତା ପାର୍ଟି, ବାଲେଶ୍ୱର ସଦର ବ୍ଲକ ତରଫରୁ ବ୍ଲକ ପ୍ରଶାସନ ନିକଟରେ ୭ ଦଫା ଦାବୀ ଉପସ୍ଥାପନ କରୁଅଛୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧାକାରୀଙ୍କୁ ଯଥାଶୀଘ୍ର ଚୟନ କରି ଘର ଯୋଗାଇ ଦିଆଯାଉ, ଆମ ଓଡିଶା ନବୀନ ଓଡିଶାର ପ୍ରକଳ୍ପ ଚୟନରେ ପଞ୍ଚାୟତର ଜନପ୍ରତିନିଧି ମାନଙ୍କ ପ୍ରସ୍ତାବକୁ ଅଗ୍ରାଧିକାର ଦେବା ସହ ପଲ୍ଲୀସଭା ଓ ଗ୍ରାମସଭା କରାଯାଉ, ମନରେଗାରେ ଅଭିଯୋଗମୂଳେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ହିତାଧିକାରୀ ମାନଙ୍କୁ ଯଥାଶୀଘ୍ର ଜବ କାର୍ଡ ଯୋଗାଇ ଦିଆଯାଉ, ଅଧିକ ବୟସ, ବିଧବା, ଦିବ୍ୟାଙ୍ଗମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଭତ୍ତା ଯୋଗାଇ ଦିଆଯାଉ, ରାସନ କାର୍ଡରୁ ବଂଚିତ ବ୍ୟକ୍ତିଙ୍କୁ ଶୀଘ୍ର ରାସନ କାର୍ଡ ଯୋଗାଇ ଦିଆଯାଉ ଓ ରାସନ କାର୍ଡର ହ୍ରସଫର ଶୀଘ୍ର ଖୋଲାଯାଉ, ଜଡଝଝ ଅଧିନରେ ନିର୍ମାଣ ହୋଇଥିବା ପାଣିଟାଙ୍କି ତଥା ଅନ୍ୟାନ୍ୟ କାର୍ଯ୍ୟ ନିମ୍ନ ମାନର ହୋଇଥିବାରୁ ତଦନ୍ତ କରାଯିବା ସଙ୍ଗେସଙ୍ଗେ ମଂଜୁର ସତ୍ତ୍ୱେ କାର୍ଯ୍ୟାରମ୍ଭ ହୋଇନଥିବା ପ୍ରକଳ୍ପ ଗୁଡିକ ଶୀଘ୍ର ଆରମ୍ଭ ହେଉ, ବ୍ଲକରେ ସଂପୂର୍ଣ ହୋଇଥବା ପ୍ରକଳ୍ପ ଗୁଡିକ ଦଳୀୟ ଆଧାରରେ ପାତର ଅନ୍ତର ନକରି ଶୀଘ୍ର ବିଲ କରାଯାଉ। ପରିଶେଷରେ ବିଡିଓ ମହୋଦୟ ସଭାସ୍ଥଳକୁ ଆସି ଦାବୀପତ୍ର ଗ୍ରହଣ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ୭ ଦଫା ଦାବୀ ଗୁଡିକ ପୂରଣ କରିବେ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ । ପରେ ପ୍ରତିଶୃତିକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ଭଙ୍ଗ କରାଯାଇଥିଲା। ପରିଶେଷରେ ଜିଲ୍ଲା ସମ୍ପାଦକ ଆଶିଷ ଘୋଷ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଆଦିବାସୀ ଜମି ହସ୍ତାନ୍ତର ସମ୍ପର୍କିତ କ୍ୟାବିନେଟ ମଞ୍ଜୁରିକୁ ବିରୋଧ



ବାରିପଦା , ୧୮/୧୧ (ନି.ପ୍ର): ଓଡ଼ିଶା ସରକାର ଦ୍ୱାରା ଅଣାଯାଇଥିବା ରେଗୁଲେସନ ୨/ ୧୯୫୬ ଆଇନକୁ ସଂସଧନ କରି ଆଦିବାସୀଙ୍କ ମାଲିକାନାରେ ଥିବା ଜମିକୁ ଅଣଆଦିବାସୀଲୋକଙ୍କୁ ବିକ୍ରୟ ଅନୁମତି ଦେବା ପାଇଁ ଅନୁମତି ପ୍ରଦାନ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର କବିନେଟ ପାସ କରିବା ଭଳି ଆଦିବାସୀ ବିରୋଧୀ ନିୟମ ଲାଗୁ ହେଲେ ଆଦିବାସୀଙ୍କ ଜମି ସିଧା ସଳଖ ଜମିମାଫିଆ ଏବଂ ଶିଳ୍ପପତି ମାନେ ଲୁଟ କରିବାରେ ସକ୍ଷମ ହେବେ ବୋଲି ଅଭିଯୋଗ କରାଯାଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଙ୍କ ନେତୃତ୍ୱ ରେ ଏହାକୁ ଦୃଢ ବିରୋଧ କରାଯାଇଛି। ଆଗାମୀ ୭ ଦିନ ଭିତରେ ଏହି ଆଦିବାସୀ ବିରୋଧୀ କଳା ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରା ନଗଲେ ମାସା ଆର୍ମୀ ପକ୍ଷରୁ ମୟୂରଭଞ୍ଜ ବନ୍ଧ ଡାକରା ଦିଆଯାଇ ଦୃଢ଼ ଆନ୍ଦୋଳନ କରାଯିବା ବୋଲି ଚେତାବନୀ ଦିଆଯାଇଛି। ଆଦିବାସୀ ମାନଙ୍କର ମହାପୁରୁଷ ଭଗବାନ ବିର୍ସା ମୁଣ୍ଡା, ବାବା ତିଲକା ମାଝୀ, ବୀର ସିଦ,କାହ୍ନୁ ପ୍ରମୁଖ ଆଦିବାସୀ ମାନଙ୍କର ଜଳ, ଜଙ୍ଗଲ, ଜମିକୁ ସୁରକ୍ଷା ଦେବା କୁଯାଇ ସାମାଜ ତଥା ଦେଶ ପାଇଁ ଇଂରେଜ ମାନଙ୍କ ବିରୋଧ ରେ ଲଢି ଶହିଦ ହୋଇଥିବା ବେଳେ ସେହି ମହାପୁରୁଷ ମାନଙ୍କ ନାମରେ ରାଜନୀତି କରି ଓଡିଶା ସରକାରଙ୍କ ଆଦିବାସୀ ବିଧାୟକ, ସାଂସଦ ଓ ମନ୍ତ୍ରୀ ମାନେ ବିଶେଷ କରି ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ମୟୁରଭଞ୍ଜର ହୋଇଥିବାରୁ ଆଦିବାସୀ ବିରୋଧୀ ଆଇନ ଆଣିବାରେ ପ୍ରମୁଖ ଭୂମିକା ନେଇଥିବାରୁ ଆଗାମୀ ନିର୍ବାଚନରେ ଆଦିବାସୀ ସମାଜ ଉଚିତ ଜବାବ ଦେବ ବୋଲି ମାସା ଆର୍ମିପକ୍ଷରୁ କୁହାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo